ଧରିତ୍ରୀ
DHARITRI

April 23-29, 2023 ₹ 2/-

ଛୁଟିଦିନ

# ଡ୍ୟାନ୍ସ ଥେରାପି

ପ୍ରଚ୍ଛଦ ପ୍ରସଙ୍ଗ

୩

ନୃତ୍ୟ କେବଳ ମନୋରଞ୍ଜନ କରେନାହିଁ। ଏହା ଏକ ଥେରାପି ମଧ୍ୟ, ଯାହା ମାଧ୍ୟମରେ ଉଭୟ ଶରୀର ଓ ମନ ସୁସ୍ଥ ରହିପାରିବ...



## ଦିଗର ପ୍ରଭାବ

**ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହିପରି ଚାରି ଦିଗ ରହିଛି। ଆଉ ପ୍ରତି ଦିଗର କିଛି ନା କିଛି ପ୍ରଭାବ ଆମ ଜୀବନଶୈଳୀ ଓ ଘର ଉପରେ ରହିଛି ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି; ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ଧନ ଓ ସମୃଦ୍ଧିର ଦେବତା କୁବେର ହେଲେ ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ବା ଟ୍ରେଜେରିକୁ ଏହି ଦିଗରେ ରଖିଲେ ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ।

* କିନ୍ତୁ ଯଦି ଭୁଲ୍‌ବଶତଃ ଘରର ଦକ୍ଷିଣ ଦିଗରେ ଟ୍ରେଜେରି ବା ଆଲମିରା ରହିଯାଇଛି, ତା'ହେଲେ ସେ କ୍ଷେତ୍ରରେ ଆପଣ ଆଲମିରା ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେବେ;




ଯଦ୍ଵାରା ଘରେ ଆଉ ଧନର ଅଭାବ ଦେଖାଯିବ ନାହିଁ।

* ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

* ବାସ୍ତୁଶାସ୍ତ୍ର ଅନୁସାରେ ଘରର ଶିଡ଼ିକୁ ସର୍ବଦା ଦକ୍ଷିଣ କିମ୍ବା ପଶ୍ଚିମ ଅଥବା ନୈଋତ୍ୟ କୋଣ (ଦକ୍ଷିଣ-ପଶ୍ଚିମ)ରେ ନିର୍ମାଣ କରିବା ଆବଶ୍ୟକ; ଯଦ୍ଵାରା ଘର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ।

* ତା'ଛଡ଼ା ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ।

* ସେହିପରି ଘଣ୍ଟାକୁ ସର୍ବଦା ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଦକ୍ଷିଣ ଦିଗ ହେଉଛି ଯମରାଜଙ୍କର ଦିଗ ତେଣୁ ସେହି ଦିଗରେ ଘଣ୍ଟା ଲଗାଇଲେ ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଏପ୍ରିଲ ୨୩-୨୯**

**ମେଷ**
ସାଧାରଣ କଥାରେ ମତଭେଦ, କଠିନଶ୍ରମରୁ ଶରୀର କଷ୍ଟ, କାର୍ଯ୍ୟସିଦ୍ଧିରୁ ଆଶ୍ୱସ୍ତି, ରାଜକୀୟ ସମ୍ମାନପ୍ରାପ୍ତି, ଭ୍ରମଣ ସୁଯୋଗ ଲାଭ, ଧର୍ମକାର୍ଯ୍ୟ କରିବେ, ନୂତନ ଯୋଜନାର ପରିକଳ୍ପନା, ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ, ମାନସିକ ସ୍ଥିତି ଭଲ ରହିବ।

**ବୃଷ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଅର୍ଥର ଆବଶ୍ୟକତା ପଡ଼ିପାରେ, ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ସ୍ଥଗିତ, ମଉଜମସ୍ତିର ମଉକା ପାଇବେ, ମାଙ୍ଗଳିକ କର୍ମର ଆଲୋଚନା, ରାଜନୀତିରେ ଦ୍ୱନ୍ଦ୍ୱ ଉପୁଜିବ॥

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତି, ପାରିବାରିକ ସହଯୋଗ, ଘଟଣାର ସମୀକ୍ଷା କରିବେ, ଅର୍ଥଲାଭରୁ ଆନନ୍ଦ, କର୍ମକ୍ଷେତ୍ରରେ ପ୍ରଶଂସା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ, ଦୂରଯାତ୍ରାର ଯୋଜନା॥

**କର୍କଟ**
ସମସ୍ୟାବହୁଳ କର୍ମକ୍ଷେତ୍ର, ଝଞ୍ଜାଳ ବଢିଯିବ, ମାନସିକ ଚାପ ବୃଦ୍ଧି, ଅବସର ପାଇବେ ନାହିଁ, କାମ ହାସଲ କରିବେ, ଶୁଭ ଖବର ପାଇବେ, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, ଋଣ ପରିଶୋଧ କରିବେ॥

**ସିଂହ**
ସମସ୍ୟା ଆସିପାରେ, ଧନବ୍ୟୟରୁ ମନସ୍ତାପ, ସମାଲୋଚିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ହାନି, ପଡୋଶୀଙ୍କ ସହାନୁଭୂତି, ପରିସ୍ଥିତିର ମୁକାବିଲା, ରୋଗପୀଡ଼ା ହ୍ରାସ, ବାଣିଜ୍ୟର ଅଭିବୃଦ୍ଧି॥

**କନ୍ୟା**
କର୍ମକ୍ଷେତ୍ରରେ ଉତ୍ସାହ, ବନ୍ଧୁ ସହାୟତା ପାଇବେ, ଉଚ୍ଚବର୍ଗଙ୍କ ସହାୟତା, ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ, ସନ୍ତାନଙ୍କ କୃତିତ୍ୱ, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନୀରୁ ଉଦ୍‌ବେଗ, ମନୋମାଳିନ୍ୟ ଘଟିପାରେ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟ ନଷ୍ଟ ଘଟିପାରେ॥

**ତୁଳା**
ଘର କାମରେ ବ୍ୟସ୍ତ ରହିବେ, ମନକଥା ଅପ୍ରକାଶ୍ୟ ରହିବ, ଅର୍ଥ ସାହାଯ୍ୟ ପ୍ରାପ୍ତି, ବାଣିଜ୍ୟରେ ଲାଭାଂଶ ବଢିବ, ବିରକ୍ତି ପ୍ରକାଶ କରିପାରନ୍ତି, ମନୋମାଳିନ୍ୟ ଦୂରହେବ, ବନ୍ଧୁ ମିଳନ ଘଟିବ, ଆରୋଗ୍ୟଲାଭ କରିବେ॥

**ବିଛା**
ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ, ବ୍ୟବସାୟିକ ସଫଳତା, ସତ୍‌ସଙ୍ଗର ସୁଯୋଗ ପ୍ରାପ୍ତି॥

**ଧନୁ**
କାର୍ଯ୍ୟରେ ସଫଳତା ପାଇବେ, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିପାରେ, ଖୋଜୁଥିବା ଜିନିଷ ପାଇବେ, ବନ୍ଧୁସମ୍ପର୍କ ବ୍ୟାହତ, ଭୁଲ କାମ କରିପାରନ୍ତି, ଶାରୀରିକ ପୀଡ଼ାନୁଭବ, ସ୍ଥଗିତ କାମ ଆରମ୍ଭ, ନୂତନ ସମ୍ପର୍କ ସୃଷ୍ଟି॥

**ମକର**
ସ୍ୱାସ୍ଥ୍ୟ ଭଲ ରହିବ, ଦୁରବସ୍ଥା ବଦଳିଯିବ, ସଭାସମିତିରୁ ସମ୍ମାନ, ପରିବହନରେ ଝଗଡା, ସାମ୍ବାଦିକତାରୁ ଗୌରବ, ପିଲାଙ୍କ ବିଶୃଙ୍ଖଳା, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପରିସ୍ଥିତି ବଦଳିଯିବ॥

**କୁମ୍ଭ**
ଉଚ୍ଚ ଚିନ୍ତା କରିବେ, ଆନୁସଙ୍ଗିକ ସହଯୋଗ ମିଳିବ, ପଡୋଶୀଙ୍କ ସହାନୁଭୂତି, ପ୍ରତିଯୋଗୀତାରେ ସଫଳତା, ଅର୍ଥ ଓ ସମ୍ମାନ ପାଇବେ, ସମସ୍ୟାକୁ ସୁଧାରି ନେବେ, ଅସୁବିଧାରେ ପଡିପାରନ୍ତି, ମନୋବଳ ବୃଦ୍ଧି ପାଇବ॥

**ମୀନ**
ଅଜୀର୍ଣ୍ଣ ପୀଡ଼ାର ଆଶଙ୍କା, ଅତୀତ ଘଟଣାର ଅନୁଚିନ୍ତା, ପାରିବାରିକ କଳହ, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ସଭାସମିତିକୁ ନିମନ୍ତ୍ରଣ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ସାମାଜିକ ସ୍ତରରେ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଆମୋଦ ପ୍ରମୋଦର ମଉକା॥



## ଖରାପାଇଁ କମଳା ଜୁସ୍

ଆଇରନ୍, ଭିଟାମିନ୍ ସି ଓ ଅନେକ ପ୍ରକାରର ନ୍ୟୁଟ୍ରିଏଣ୍ଟରେ ଭରା କମଳା ବା କମଳା ଜୁସ୍‌ରେ ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ବି କିଛି ମାତ୍ରାରେ ଥାଏ। ତେଣୁ ଏହାକୁ ଖାଇଲେ ଅଥବା ଏହାର ଜୁସ୍ ପିଇଲେ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କିଡ୍‌ନୀ ଷ୍ଟୋନ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ନ୍ୟୁଟ୍ରିସନିଷ୍ଟ କୁହନ୍ତି। ବ୍ଲଡ୍‌ପ୍ରେସର, ବ୍ଲଡ ସୁଗାର ତଥା କୋଲେଷ୍ଟ୍ରୋଲ୍‌କୁ ନିୟନ୍ତ୍ରଣରେ ରଖିବା ସଙ୍ଗେ ସଙ୍ଗେ ଏହା ବିଭିନ୍ନ ପ୍ରକାର ଚର୍ମ ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ। ବିଶେଷକରି ଖରାଦିନେ ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଶରୀରରେ ଜଳୀୟଅଂଶ ନିୟନ୍ତ୍ରଣରେ ରହିବା ସଙ୍ଗେସଙ୍ଗେ ଶରୀର ଅନେକ ସମୟ ଧରି ହାଇଡ୍ରେଟ୍ ରହିଥାଏ। ତା'ଛଡ଼ା ଅଧିକ ଶାରୀରିକ ପରିଶ୍ରମ ଯୋଗୁ ଦେହରୁ ଝାଳ ବାହାରୁଥିଲେ, ସେ କ୍ଷେତ୍ରରେ କମଳା ଖାଇବା କିମ୍ବା ଏହାର ଜୁସ୍ ପିଇବା ସର୍ବୋତ୍ତମ। ଏହା ଇନ୍‌ଷ୍ଟାଣ୍ଟ ଏନର୍ଜି ଦେଇଥାଏ। ଆଖିତଳେ କଳା ଦାଗ ଦୂର କରିବା ସଙ୍ଗେସଙ୍ଗେ ତ୍ୱଚାକୁ ଉଜ୍ଜ୍ୱଳ କରିବା ତଥା କେଶରେ ଚମକ୍ ଆଣିବାରେ ବି ଏହି ଜୁସ୍ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

## ପାଠକୀୟ

ପ୍ରତି ଗାଁର ଥାଏ ନିଜସ୍ୱ ବିଶେଷତ୍ୱ, ଯାହା ତାକୁ ସ୍ୱତନ୍ତ୍ର କରେ। ଯେମିତି କି ଏଇ ଦୁଇ ଗାଁ, ଯାହା ତା'ର ନିଆରାପଣ ପାଇଁ ସାରା ପୃଥିବୀରେ ଚର୍ଚ୍ଚିତ। ତେଣୁ ଏଭଳି ଏକ ସ୍ୱତନ୍ତ୍ର ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ଗାଁର କଥା' ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। 'ସୁଖସମୃଦ୍ଧି ଆଣିବ ଫୁଲ', 'ଖଜୁରୀର ଉପକାରିତା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। – *ଲିଜାଲିନ୍ ପଣ୍ଡା, ଉତ୍ତରା, ଭୁବନେଶ୍ୱର*

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ଗାଁର କଥା' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସେହିପରି ବିଶେଷ ପ୍ରସଙ୍ଗରେ ପ୍ରକାଶିତ ହୋଇଥିବା 'ଦଣ୍ଡପର୍ବ' ଆଲେଖ୍ୟଟି ବି ପଢିବାକୁ ବେଶ୍ ନିଆରା ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସର୍ଜନାରେ ପ୍ରବୀଣା: ପ୍ରବୀଣା ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ହାଇ ହିଲ୍' ଶୀର୍ଷକ ଗପଟି ଯେତିକି ମନଛୁଆଁ ହୋଇଥିଲା, 'ବିଦାୟୀ ବସନ୍ତ' ଶୀର୍ଷକ କବିତାଟି ବି ସେତିକି ହୃଦୟଛୁଆଁ ଥିଲା। – *ରାକେଶ ଦାସ, ଖଣ୍ଡଗିରି, ଭୁବନେଶ୍ୱର*

ସିନେମା ପୃଷ୍ଠାରେ ସ୍ଥାନିତ 'ଇମୋଶନାଲ ପ୍ରିୟଙ୍କା', 'ପାରିକରିବେ ଭୋଲାଶଙ୍କର ୨', 'ପାପା ଥିଲେ ମୋ ମେଣ୍ଟର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। କବି ତଥା ଶିକ୍ଷାବିତ୍ ମୀନକେତନ ପଶାୟତଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଚିକନ୍‌କାରୀ ଆଉଟ୍‌ଫିଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। – *ସ୍ମିତା ମହାନ୍ତି, ବକ୍ସିବଜାର ରୋଡ୍, କଟକ*

ମଡେଲ୍ ମିରର୍‌ରେ ଶ୍ରୀବିଦ୍ୟା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ସୌନ୍ଦର୍ଯ୍ୟପୂର୍ଣ୍ଣ ହିଲ୍‌ଷ୍ଟେସନ ଶିଲଂ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ପାଣି ଓଦା କାହିଁକି ଲାଗେ ସେ ସମ୍ପର୍କରେ ଅନେକ ଉପାଦେୟ କଥା ବିବିଧ ପୃଷ୍ଠାରୁ ଜାଣି ଖୁସି ଲାଗିଲା। – *ଶିଖା ପଟ୍ଟନାୟକ, ଝାରସୁଗୁଡ଼ା*

ବିବିଧ ପୃଷ୍ଠାରେ ସ୍ଥାନିତ 'ୟୁନି ସାଇକେଲ ପୋଲୋ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଅସରପା ସଂଗ୍ରହାଳୟ', 'ଶରୀରରେ ପାସ୍‌ପୋର୍ଟ ଓ ଟିକେଟ୍‌ର ଟାଟୁ', 'କୁନି ଲେଖକ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ସେହିପରି ଏଥରର ବ୍ୟଙ୍ଗ 'ଚଳେଇନେଲେ ସବୁ ଚଳିବ' ପାଠଟି ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା। – *ସତ୍ୟନାରାୟଣ ସାହୁ, ବଲାଙ୍ଗୀର*

### ବିଶେଷ ଚିଠି




ନିଆରା ଗାଁର କଥାକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ପୁଣି ଦଣ୍ଡପର୍ବକୁ ଆଧାର କରି
ଆସିଥିଲା ବିଶେଷ ପ୍ରସଙ୍ଗ।
ସାଥୀର ଉତ୍ତର, ସିନେମାର ଖବର
ପୁଣି ତା'ସାଙ୍ଗକୁ ସହରରୁ ଦୂର
ସବୁକିଛି ଥିଲା ବେଶ୍ ନିଆରା
ତେଣୁ ଛୁଟିଦିନ ତୁମେ ଏକ ଉଜ୍ଜ୍ୱଳତାରା।
– *ଅଶୋକ ମହାନ୍ତି, ଚକ୍ରତୀର୍ଥରୋଡ୍, ପୁରୀ-୨*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



ନୃତ୍ୟ କେବଳ ମନୋରଞ୍ଜନ କରେନାହିଁ ଏହା ଏକ ଥେରାପି ମଧ୍ୟ, ଯାହା ମାଧ୍ୟମରେ ଉଭୟ ଶରୀର ଓ ମନ ସୁସ୍ଥ ରହିପାରିବ...

# ଡ୍ୟାନ୍ସ ଥେରାପି



ଡ୍ୟାନ୍ସ ଥେରାପି ବା ନୃତ୍ୟ ଚିକିତ୍ସା ହେଉଛି ଭାବନାତ୍ମକ, ସୃଜନାତ୍ମକ ତଥା ଶାରିରୀକ ସୁସ୍ଥତା ପାଇଁ ଉପଯୋଗ ହେଉଥିବା ଏକ ନୃତ୍ୟଶୈଳୀ ; ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖିଥାଏ ।

**ଅନେକ ରୋଗର ନିରାକରଣ ଡ୍ୟାନ୍ସ ଥେରାପି:** ଦିନଯାକର ପରିଶ୍ରମ ସାଙ୍ଗକୁ ମାନସିକ ଚିନ୍ତା ଆମ ଜୀବନଶୈଳୀ ଉପରେ ଅନେକ ପ୍ରଭାବ ପକାଇଥାଏ । ସେଥିରୁ ମୁକ୍ତି ପାଇବାକୁ ଆଉ ନିଜକୁ ଫୁର୍ତ୍ତି ରଖିବାକୁ କିଏ ଯୋଗର ସାହାରା ନିଅନ୍ତି ତ କିଏ ସୁଷମ ଖାଦ୍ୟପେୟ ଉପରେ ଧ୍ୟାନ ଦେବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଅଳ୍ପ କିଛି ମୂହୁର୍ତ୍ତର ଡ୍ୟାନ୍ସ ବି ଆମ ମନ ଓ ମସ୍ତିଷ୍କକୁ ସତେଜ କରିବାର କ୍ଷମତା ରଖିଥାଏ । ନିୟମିତ ରୂପରେ କରାଯାଉଥିବା ଏହି ଡ୍ୟାନ୍ସ ଆମକୁ ଶାରିରୀକ, ମାନସିକ ସ୍ତରରେ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ । ଯେମିତିକି:

*** ମନକୁ ଫୁର୍ତ୍ତି ରଖେ:** ଆଜିର ବ୍ୟସ୍ତମୟ ଜୀବନ ଭିତରେ ଛୋଟ ଛୋଟ କଥାକୁ ନେଇ ଟେନ୍‌ସନ୍ ହେବା କିମ୍ବା କୌଣସି ଘଟଣା ସମ୍ପର୍କରେ ଭାବି ମନ ଭିତରେ ଭୟ ଆସିବା ଯେମିତି ଆମର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ତେଣୁ ଏଭଳି ପରିସ୍ଥିତିରେ ମନକୁ ଶାନ୍ତ ରଖିବା ପାଇଁ ଡ୍ୟାନ୍ସ ଥେରାପି ଏକ ଭଲ ବିକଳ୍ପ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି । କିଛି ସମୟ ଡ୍ୟାନ୍ସ କରିବା ଦ୍ୱାରା ମନରୁ କେବଳ ଅବସାଦ ଦୂର ହୁଏ ତାହା ନୁହେଁ, ନିଜକୁ ବେଶ୍ ଫୁର୍ତ୍ତି ବି ଲାଗିଥାଏ । କାମ କରିବା ପାଇଁ ମଧ୍ୟ ଆତ୍ମବିଶ୍ୱାସ ବଢ଼େ ।

*** ଶରୀରକୁ ଉର୍ଜାବାନ କରାଏ:** ଡ୍ୟାନ୍ସ କରିବା ଦ୍ୱାରା ଆଳସ୍ୟ ଦୂର ହୋଇ ଶରୀର ଫୁର୍ତ୍ତି ଲାଗେ । ସରଳରେ କହିବାକୁ ଗଲେ, ଡ୍ୟାନ୍ସ ଶରୀରରେ ଉର୍ଜାର ସ୍ତରକୁ ଖୁବ୍ ବଢ଼ାଇଦିଏ । ଏପରିକି କେତେକ ସର୍ବେକ୍ଷଣରୁ ପ୍ରମାଣିତ ହୋଇଛି ଯେ, ପ୍ରତିଦିନ କିଛି କିଛି ସମୟ ଡ୍ୟାନ୍ସ ପ୍ରାକ୍ଟିସ୍ ବା ନୃତ୍ୟାଭ୍ୟାସ କରୁଥିବା ବ୍ୟକ୍ତିଙ୍କର କାର୍ଯ୍ୟ କରିବାର କ୍ଷମତା ଡ୍ୟାନ୍ସ ନ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ଯଥେଷ୍ଟ ଅଧିକ ହୋଇଥାଏ ।

*** ଏକାଗ୍ରତା ବଢ଼ାଏ:** ଡ୍ୟାନ୍ସ କରିବା ଦ୍ୱାରା ଏକାଗ୍ରତା ବଢ଼ିଥାଏ ; ଯଦ୍ୱାରା ବ୍ୟକ୍ତି ନିଜ ଜୀବନରେ ପୂର୍ବାପେକ୍ଷା ଅଧିକ ଅନୁଶାସିତ ହୋଇଯା'ନ୍ତି । କେବଳ ସେତିକି ନୁହେଁ, ପ୍ରତିଦିନ କିଛି କିଛି ସମୟ ଡ୍ୟାନ୍ସ ଅଭ୍ୟାସ କରିବା ଫଳରେ ଆତ୍ମବିଶ୍ୱାସ ବି ବୃଦ୍ଧିପାଏ ।

*** ଶରୀରରେ ରକ୍ତ ସଞ୍ଚାର ଠିକ୍ ରଖେ:** ଡ୍ୟାନ୍ସ କରିବା ଦ୍ୱାରା ଶରୀରର ପ୍ରତ୍ୟେକଟି ଅଙ୍ଗ ଚଳଚଞ୍ଚଳ ହୁଏ ; ଯଦ୍ୱାରା ପୂରା ଶରୀରରେ ରକ୍ତ ସଞ୍ଚାର ଠିକ୍ ଭାବରେ ହୋଇଥାଏ । ଶରୀରରେ ରକ୍ତ ସଞ୍ଚାର ଠିକ୍ ହେଲେ ଅନେକ ରୋଗ ହେବାର ଆଶଙ୍କା ବି କମିଯାଏ ।

*** ହୃଦୟକୁ ସୁସ୍ଥ ରଖେ:** ହୃଦ୍ ସମ୍ବନ୍ଧୀୟ ରୋଗରେ ପୀଡିତ ଥିବା ବ୍ୟକ୍ତିଙ୍କ ପାଇଁ ଡ୍ୟାନ୍ସ ଏକ ଉତ୍ତମ ଗତିବିଧି ବୋଲି ଅନେକେ ମତ ଦେଇଥା'ନ୍ତି । କିନ୍ତୁ ସେମାନେ ସ୍ପିଡ୍ ଡ୍ୟାନ୍ସ କରିବା ଠିକ୍ ନୁହେଁ । ସୁମଧୁର ସଙ୍ଗୀତର ତାଳେ ତାଳେ ହାଲୁକା ଭାବେ ଝୁମି ଝୁମି କିଛି ସମୟ ଡ୍ୟାନ୍ସ କରିବା ଦ୍ୱାରା ସେମାନଙ୍କର ହୃଦ୍ ସ୍ପନ୍ଦନ ଠିକ୍ ହେବା ସହିତ ସ୍ୱାସ୍ଥ୍ୟରେ ମଧ୍ୟ ଅନେକ ଉନ୍ନତି ଆସିଥାଏ ବୋଲି ସୂଚନା ରହିଛି ।

*** ଓଜନ ବି କମାଏ:** ନିୟମିତ କିଛି ସମୟ ଡ୍ୟାନ୍ସ କରିବା ଦ୍ୱାରା ଶରୀରରୁ କିଛି କ୍ୟାଲୋରି ଖର୍ଚ୍ଚ ହୁଏ ; ଯଦ୍ୱାରା ଏହା ଶରୀରର ଓଜନ କମାଇବାରେ ବିଶେଷ ସହାୟକ ହୋଇଥାଏ । ଖାସ୍‌କରି ଓଜନ କମାଇବା ପାଇଁ ଫ୍ରିଷ୍ଟାଇଲ୍ ଡ୍ୟାନ୍ସ ହେଉଛି ସବୁଠୁ ଭଲ ବିକଳ୍ପ । ଫାଷ୍ଟ ମ୍ୟୁଜିକ୍‌ରେ ଡ୍ୟାନ୍ସ କରିବା ଦ୍ୱାରା ଶରୀର ଚଳଚଞ୍ଚଳ ହୋଇଯାଏ । ଫଳରେ ଶରୀରରେ ଜମା ହୋଇ ରହିଥିବା ଚର୍ବି ଅଂଶ ଧୀରେ ଧୀରେ କମିବାକୁ ଲାଗେ । ଯଦ୍ୱାରା ଶରୀରର ମୋଟାପଣ କମି ଧୀରେ ଧୀରେ ବଡି ଫିଟ୍‌ନେସ୍ ଆସିଯାଏ ।

*** ଶରୀର ଚଳଚଞ୍ଚଳ ହୁଏ:** ଶରୀରର କୌଣସି ସ୍ଥାନ ହଠାତ୍ ମୋଡି କିମ୍ବା ମକଚି ହୋଇଗଲେ ଆମକୁ ଭୀଷଣ କଷ୍ଟ ହୋଇଥାଏ । ବଡି ମୁଭ୍‌ମେଣ୍ଟ ଠିକ୍‌ରେ ନ ହେଲେ ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକେ ମତ ଦେଇଥା'ନ୍ତି । କିନ୍ତୁ ଯେଉଁମାନେ ନିୟମିତ କିଛି କିଛି ସମୟ ଡ୍ୟାନ୍ସ ପ୍ରାକ୍ଟିସ୍ କରିଥା'ନ୍ତି, ସେମାନଙ୍କର ବଡି ମୁଭ୍‌ମେଣ୍ଟ ବହୁତ ଭଲ ଭାବରେ ହୋଇଥାଏ । ଫଳରେ ସେମାନଙ୍କଠାରେ ଆଣ୍ଠୁଗଣ୍ଠି ଦରଜ ହେବାର ସମସ୍ୟା କମ୍ ରୁହେ । ଏପରିକି ଖେଳକୁଦ କରିବା ସମୟରେ କୌଣସି

→

















ଅଙ୍ଗ ହଠାତ୍ ମକଚି ହୋଇଯିବାର ସମ୍ଭାବନା ବି ଅନ୍ୟମାନଙ୍କ ତୁଳନାରେ ବହୁତ କମ୍ ଦେଖାଯାଇଥାଏ। କେବଳ ଏତିକି ନୁହେଁ, ଡ୍ୟାନ୍ସ ଦ୍ୱାରା ଆହୁରି ଅନେକ ସୁଫଳ ବି ମିଳେ, ଯଥା:

– କେତେକ ସର୍ବେକ୍ଷଣ ଅନୁଯାୟୀ, ଥାଇରଏଡ୍ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ବି ଡ୍ୟାନ୍ସ ଥେରାପି ଏକ ଭଲ ବିକଳ୍ପ ବୋଲି କୁହାଯାଇଛି।

– ପ୍ରତିଦିନ କିଛି ସମୟ ଡ୍ୟାନ୍ସ କରିବା ଦ୍ୱାରା ଶରୀରରେ କୋଲେଷ୍ଟରଲ ମଧ୍ୟ ନିୟନ୍ତ୍ରଣରେ ରହିଥାଏ।

– ଡ୍ୟାନ୍ସ ଦ୍ୱାରା ଚର୍ମରେ ଥିବା କେତେକ ହାନିକାରକ ଭାଇରସ୍ ନଷ୍ଟ ହୋଇଥାଏ; ଯଦ୍ୱାରା ତ୍ୱଚା ସୁସ୍ଥ ଓ ସୁନ୍ଦର ଦେଖାଯାଇଥାଏ।

– ଡ୍ୟାନ୍ସ କରିବା ଦ୍ୱାରା ଅଣ୍ଟା ଓ ଆଣ୍ଠୁଗଣ୍ଠି ଦରଜରୁ ବି କେତେକାଂଶରେ ମୁକ୍ତି ମିଳେ।

– ମାନସିକ ଶାନ୍ତି ଦେବାରେ ବି ଡ୍ୟାନ୍ସ ଅନେକ ସାହାଯ୍ୟ କରିଥାଏ।

– ସବୁଠୁ ବଡ଼ କଥା ହେଉଛି, ଡ୍ୟାନ୍ସ କରିବା ଦ୍ୱାରା ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ। ଯାହା କି ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ନିହାତି ଆବଶ୍ୟକ। ତା'ଛଡ଼ା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ନିୟମିତ ଡ୍ୟାନ୍ସ କରୁଥିବା ବ୍ୟକ୍ତିଙ୍କଠାରେ ପାଗଳପଣର ଶିକାର ହେବାର ଆଶଙ୍କା ବି ବହୁତ କମ୍ ରହିଥାଏ।

**କେଉଁ ଡ୍ୟାନ୍ସ କେତେ ଉପକାରୀ**

ଏମିତି ଦେଖିବାକୁ ଗଲେ କ୍ଲାସିକାଲ୍ ଡ୍ୟାନ୍ସ ହେଉ କି ମଡର୍ନ ଡ୍ୟାନ୍ସ, ସବୁର କିଛି ନା କିଛି ଫାଇଦା ରହିଛି ଆମ ଶରୀର ପାଇଁ। ତେବେ ଏଠାରେ ଏମିତି କେତୋଟି ସ୍ୱତନ୍ତ୍ର ଡ୍ୟାନ୍ସ ଷ୍ଟେପ୍ସ ସମ୍ପର୍କରେ କୁହାଯାଉଛି; ଯାହାର କିଛିଟା ଭିନ୍ନ ପ୍ରଭାବ ରହୁଛି...

✲ **ବେଲି ଡ୍ୟାନ୍ସ:** ଏଥିରେ ମୁଖ୍ୟତଃ ପେଟକୁ ଅଲଗା ଅଲଗା ଭଙ୍ଗୀରେ ଘୁରେଇକି ଡ୍ୟାନ୍ସ କରାଯାଇଥାଏ। କେବଳ ପେଟ କାହିଁକି ଏହି ଡ୍ୟାନ୍ସ କଲାବେଳେ ଶରୀରର ଅନ୍ୟ ଅଙ୍ଗଗୁଡ଼ିକର ବି ଭଲ ମୁଭମେଣ୍ଟ ହୋଇଥାଏ। ଏହି ଡ୍ୟାନ୍ସକୁ ମାତ୍ର ପାଞ୍ଚରୁ ସାତ ମିନିଟ୍ ଅଭ୍ୟାସ କରିବା ଯଥେଷ୍ଟ।

✲ **ହିପ୍ ହପ୍ ଡ୍ୟାନ୍ସ:** ଏହି ଡ୍ୟାନ୍ସରେ ମୁଖ୍ୟତଃ ପପିଙ୍ଗ୍, ଲକିଙ୍ଗ୍, ବ୍ରେକିଙ୍ଗ୍ ଆଦି ଷ୍ଟେପ୍ସର ବ୍ୟବହାର କରାଯାଇଥାଏ। ଏହାକୁ ବି ମାତ୍ର ୫ ମିନିଟ୍ ଅଭ୍ୟାସ କରିଦେଲେ ଶରୀରକୁ ବେଶ୍ ଫୂର୍ତ୍ତି ଅନୁଭବ ହୋଇଥାଏ ବୋଲି ସୂଚନା ରହିଛି।

✲ **କଣ୍ଟେମ୍ପରାରି ଡ୍ୟାନ୍ସ:** ଏହି ଡ୍ୟାନ୍ସ ବ୍ୟକ୍ତିଙ୍କର ଧ୍ୟାନକୁ ବାନ୍ଧି ରଖିବାରେ ବେଶ୍ ସହାୟକ ହୋଇଥାଏ। ମୁଖ୍ୟତଃ ଏହି ଡ୍ୟାନ୍ସର ପ୍ରୟୋଗ ଶରୀରକୁ ଅଧିକ ସକ୍ରିୟ ରଖିବା ପାଇଁ କରାଯାଇଥାଏ। ଏଥିରେ ଉର୍ଜାର ଭରପୂର ପ୍ରୟୋଗ ହୋଇଥାଏ। ମାତ୍ର ୫ ମିନିଟ୍ ଏହି ଡ୍ୟାନ୍ସ କରିଦେଲେ ବି ଶରୀରକୁ ଅନେକ ଲାଭ ମିଳିଥାଏ।

✲ **ବି ବୟିଙ୍ଗ୍ ଡ୍ୟାନ୍ସ:** ଏହା ଏକପ୍ରକାରର ବ୍ରେକ୍ ଡ୍ୟାନ୍ସ। ସାଧାରଣତଃ ଏହା ମାର୍ଶଲ୍ ଆର୍ଟ ଏବଂ ଡ୍ୟାନ୍ସର ଏକ ମିଶ୍ରିତ ରୂପ। ଏହି ଡ୍ୟାନ୍ସ କଲେ ବଡି ମୁଭମେଣ୍ଟ ବହୁତ ଭଲଭାବେ ହୋଇଥାଏ; ଯଦ୍ୱାରା ଶରୀରର ମୋଟାପଣ କମିବାରେ ବେଶ୍ ସହାୟକ ହୁଏ। ପ୍ରତିଦିନ ୫ରୁ ୧୦ ମିନିଟ୍ ପାଇଁ ଏହି ଡ୍ୟାନ୍ସ ପ୍ରାକ୍ଟିସ୍ କରିଦେଲେ ବେଶ୍ ଫୂର୍ତ୍ତି ଲାଗେ। କିନ୍ତୁ ଏଥିପାଇଁ ନିୟମିତତା ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ହୋଇଥାଏ।

**ଖାଦ୍ୟ ବି ଜରୁରୀ**

ଡ୍ୟାନ୍ସ କରିବା ସମୟରେ ଅଥକାପଣ ନ ଲାଗିବା ପାଇଁ, ଡ୍ୟାନ୍ସ କରିବା ପୂର୍ବରୁ ଅଳ୍ପ କିଛି ହାଲୁକା ଖାଦ୍ୟ ଖାଇବା ଦରକାର। ଭୁଲରେ କେବେ ବି ପେଟ ଉର୍ତ୍ତି ଖାଦ୍ୟ ଖାଇ ଡ୍ୟାନ୍ସ କରିବା ଠିକ୍ ନୁହେଁ; ଏହାଦ୍ୱାରା ଶରୀର ଉପରେ ଅନେକ କୁପ୍ରଭାବ ପଡ଼ିଥାଏ। ସେହିପରି ଡ୍ୟାନ୍ସ କରିବା ସମୟରେ ବାରମ୍ବାର ପାଣି ପିଇବା ବି ଉଚିତ ନୁହେଁ; ଏହା ବି ହାନିକାରକ ହୋଇଥାଏ।

ତେବେ ଆଜିକାଲି ଦେଖିବାକୁ ମିଳୁଛି, ସୁସ୍ଥ ଓ ନୀରୋଗ ରହିବା ପାଇଁ କେବଳ ଯୁବପିଢ଼ି ନୁହଁନ୍ତି, ସମସ୍ତଙ୍କ ଭିତରେ ଡ୍ୟାନ୍ସ ଥେରାପିକୁ ନେଇ ବେଶ୍ ଆଗ୍ରହ ବଢ଼ିବାରେ ଲାଗିଛି। ।

**–ଅନ୍ୱିତା ମିଶ୍ର**

## ଫିଟ୍‌ନେସ୍‌ର ନୂଆ ମନ୍ତ୍ର ଜୁମ୍ବା



ଟିଟୁ ଛୋଟରାୟ ହେଉଛନ୍ତି ଜଣେ ସାର୍ଟିଫାଏଡ୍ ଜୁମ୍ବା ଟ୍ରେନର୍। ତାଙ୍କ ଫିଟ୍‌ନେସ୍ ସେଣ୍ଟର୍‌ର ନାଁ ହେଉଛି ବି ଫିଟ୍ ଜିମ୍; ଯେଉଁଠାରେ ପ୍ରାୟ ୧୫ ବର୍ଷ ହେବ ସେ ଆଗ୍ରହୀ ଯୁବପିଢ଼ିଙ୍କୁ ଫିଟ୍‌ନେସ୍ ଉପରେ ଟ୍ରେନିଂ ଦେଇ ଆସୁଛନ୍ତି। ତାଙ୍କର ଏହି ଜିମ୍ ସେଣ୍ଟରରେ ଉଭୟ ଏକ୍ସରସାଇଜ୍ ଓ ଜୁମ୍ବା ଡ୍ୟାନ୍ସ ଉପରେ ଗୁରୁତ୍ୱ ଦିଆଯାଉଛି। କାରଣ ଖାଲି ଏକ୍ସରସାଇଜ୍ କରିବା ଦ୍ୱାରା ଲୋକେ ଶାରୀରିକ ସ୍ତରରେ ଫିଟ୍ ହୋଇଯାଉଛନ୍ତି ସତ କିନ୍ତୁ ମାନସିକ ସ୍ତରରେ ସେମାନେ ବୋର୍ ହେଉଥିବାର ଦେଖିବାକୁ ମିଳୁଛି। ସେଥିପାଇଁ ଜୁମ୍ବା ଡ୍ୟାନ୍ସ ମାଧ୍ୟମରେ ସେମାନଙ୍କୁ ରିଲାକ୍ସ କରିବାକୁ ସେ ଚେଷ୍ଟା କରୁଛନ୍ତି। କାର୍ଡିଓ ଏବଂ ଲାଟିନ୍ ଇନ୍‌ସ୍ପାୟାର୍ଡ ଡ୍ୟାନ୍ସର ଏକ ମିଳିତ ରୂପ ହେଉଛି ଜୁମ୍ବା। ମ୍ୟୁଜିକ୍‌ର ତାଳେତାଳେ କରାଯାଉଥିବା ଏହି ଡ୍ୟାନ୍ସ ବଡ଼ିକୁ ଫିଟ୍‌ନେସ୍ ଦେବାରେ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ପ୍ରତିଦିନ ୪୫ ମିନିଟ୍ ସେ ତାଙ୍କ ଜିମ୍‌ରେ ଜୁମ୍ବା ଡ୍ୟାନ୍ସ ଉପରେ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେଇଥା'ନ୍ତି। ତାଙ୍କର ଏହି ଜିମ୍ ସେଣ୍ଟରରେ ସାଲ୍ସା ଡ୍ୟାନ୍ସ ଉପରେ ବି ଟ୍ରେନିଂ ଦିଆଯାଇଥାଏ। କେବଳ ଟିଟୁ ନୁହନ୍ତି ତାଙ୍କର ଧର୍ମପତ୍ନୀ ଶର୍ମିଷ୍ଠା ଛୋଟରାୟ ବି ଏହି ଜିମ୍ ସେଣ୍ଟର୍‌ରେ ଯୁବପିଢ଼ିଙ୍କୁ ଟ୍ରେନିଂ ଦେଇଥା'ନ୍ତି। ଏ ନେଇ ଟିଟୁ କୁହନ୍ତି, ପ୍ରଥମେ ଜୁମ୍ବାକୁ ଏକ ୱେଷ୍ଟର୍ନ ଏକ୍ସରସାଇଜ୍ ଭାବେ ଗ୍ରହଣ କରାଯାଉଥିଲା। କିନ୍ତୁ ଏବେ ଇଣ୍ଡିଆରେ ଏହାର ଏତେ ଚାହିଦା ବଢ଼ିଯାଇଛି ଯେ, ଲୋକେ ନିଜକୁ ଫିଟ୍ ରଖିବା ପାଇଁ ଏଥିପ୍ରତି ଅଧିକ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳୁଛି। କେବଳ ଯୁବପିଢ଼ି କାହିଁକି, ବୟସ୍କ ବ୍ୟକ୍ତି ବି ଏହାକୁ ଟ୍ରାଏ କରିବାକୁ ମଧ୍ୟ ପଛାଉ ନାହାନ୍ତି।

# ସ୍ଥାପତ୍ୟ କହେ କଥା


କର୍ପୋରେଟ୍ ହେଡ


ଫୋର୍ସ ଅଫ୍ ନେଚର


ୱାକିଂ ଟୁ ଦ ସ୍କାଏ

**କାରିଗରର ହାତର ସ୍ପର୍ଶରେ ଗଢି ଉଠେ କେତେ ଯେ ସ୍ଥାପତ୍ୟ। ସେଇ ସ୍ଥାପତ୍ୟ କେବେ ମଣିଷର ଭାବକୁ ଦର୍ଶାଏ ତ କେବେ କହେ କାହାର କାହାଣୀ। ଠିକ ଯେମିତି ଏଇ ସବୁ ସ୍ଥାପତ୍ୟ, ଯାହା ଦେଖିବାକୁ ଅଜବ ହେଲେ ବି କହେ ଅନେକ କଥା..**

**ଅପ୍ ସାଇଡ୍ ଡାଉନ୍ ଚାର୍ଲସ୍ ଲା ଟ୍ରୋବ୍ ପ୍ରତିମୂର୍ତ୍ତି:** ସାଧାରଣତଃ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସହରର ଛକ ସ୍ଥାନ ଗୁଡିକରେ ଏକ ଉଚ୍ଚ ସ୍ଥାନରେ ଠିଆ ହୋଇଥିବା ଦେଖିବାକୁ ମିଳେ। ସେସବୁ ବିଭିନ୍ନ ଭଙ୍ଗୀରେ ବି ଥାଆନ୍ତି। ତେବେ ଅଷ୍ଟ୍ରେଲିଆ, ମେଲବର୍ନରେ ଥିବା ଲା ଟ୍ରୋବ୍ ବିଶ୍ୱ ବିଦ୍ୟାଳୟ, ବୁନ୍ଦୁରା କ୍ୟାମ୍ପସ୍‌ରେ ଥିବା ଚାର୍ଲସ୍ ଲା ଟ୍ରୋବ୍‌ଙ୍କ ପ୍ରତିମୂର୍ତ୍ତି ବେଶ୍ ଅଜବ। କାରଣ ଏହି ପ୍ରତିମୂର୍ତ୍ତିଟି ସାଧାରଣ ଭାବେ ଗୋଡରେ ଦଣ୍ଡାୟମାନ ନୁହେଁ ବରଂ ଓଲଟା ତଥା ମୁଣ୍ଡରେ ଠିଆ ହୋଇଥିବା ପ୍ରତିମୂର୍ତ୍ତି ଅଟେ। ପ୍ରତିମୂର୍ତ୍ତିଗୁଡିକ ଯେଉଁ ଭିତ୍ତି ପ୍ରସ୍ତର ଉପରେ ଠିଆ ହୁଏ ତାହା ଉପର ପଟକୁ ଅଛି। ତେବେ ଏଭଳି ହେବା ପଛର କାରଣ ହେଉଛି ଲଣ୍ଡନରେ ଜନ୍ମିତ ଚାର୍ଲସ ଲା ଟ୍ରୋବ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ଲିଉଟନାଣ୍ଟ ଗଭର୍ନର ଥିଲେ। ସେତେବେଳେ ସେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ତଥାପି ଇତିହାସ ପୃଷ୍ଠାରେ ସେ ଜଣେ ଅସଫଳ ଲିଡର ଭାବେ ବର୍ଣ୍ଣିତ। ତେଣୁ ଲୋକେ ଭୁଲି ଯାଇଥିବା ତାଙ୍କ କାମକୁ ପୁଣିଥରେ ମନେ ପକାଇ ଦେବା ପାଇଁ ପ୍ରତିମୂର୍ତ୍ତି ତିଆରି କରିଥିବା ସ୍ଥପତି ଏହାକୁ ଚିରାଚରିତ ଧାରାରେ ସ୍ଥାପନ ନ କରି ଓଲଟା ସ୍ଥାପନ କରିଥିଲେ। ଆଉ ସତକୁ ସତ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ବି କଲା।

**ଦ ମୁସ୍ତାଙ୍ଗସ୍ ଅଫ ଲସ୍ କୋଲିନାସ୍:** ଆମେରିକା, ଟେକ୍ସାସସ୍ଥ ଲସ୍ କୋଲିନସ୍‌ରେ ଦେଖିବାକୁ ମିଳେ ଦୌଡୁଥିବା ଘୋଡାର କିଛି ପ୍ରତିମୂର୍ତ୍ତି। ଏହାକୁ ପୃଥିବୀର ଘୋଡା ପ୍ରତିମୂର୍ତ୍ତିର ସବୁଠାରୁ ବଡ଼ ଗ୍ରୁପ୍ ବୋଲି ଧରାଯାଏ। ବ୍ରୋଞ୍ଜରେ ନିର୍ମିତ ଏହି ପ୍ରତିମୂର୍ତ୍ତି ଗୁଡିକ ଅସଲି ଘୋଡାଠାରୁ ଆକାରରେ ଦେଢଗୁଣ ବଡ଼। ଏହି ଘୋଡାଗୁଡିକ ଦୌଡିକି ନଦୀ ପାର୍ ହେଉଥିବା ପରି ଲାଗନ୍ତି। ଏହି ଦୃଶ୍ୟକୁ ଜୀବନ୍ତ କରିବା ଲାଗି ପାଣି ଭିତରେ ଥିବା ଘୋଡାଗୁଡିକର ଗୋଡ ତଳେ ଏମିତି ଜଳର ଫୁଆରା କରାଯାଇଛି ଯାହାଦ୍ୱାରା ଲାଗୁଛି ଘୋଡାଗୁଡିକ ନଦୀରେ ଦୌଡିବା ଯୋଗୁ ସତରେ ପାଣି ଛିଟ୍‌କୁଛି।

**ମନୁମେଣ୍ଟ ଟୁ ଦ ଅନ୍‌ନୋନ୍ ବ୍ୟୁରୋକ୍ରାଟ୍:** ବିଜନେସ୍ ସୁଟ୍ ପିନ୍ଧି ହାତରେ ବ୍ରିଫକେସ୍ ଧରି ଯାଉଥିବା ଏକ ବ୍ୟକ୍ତି, ଯାହାର ଗଣ୍ଡି ଭାଗ ମଣିଷର କିନ୍ତୁ ମୁଣ୍ଡ ଭାଗ ଏକ ବଡ଼ ପଥର। ଏଭଳି ଏକ ଅଜବ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ ଆଇସ୍‌ଲାଣ୍ଡର ରିକଜାଭିକ୍‌ରେ। ଉକ୍ତ ପ୍ରତିମୂର୍ତ୍ତି ହେଉଛି ଜଣେ ସରକାରୀ କର୍ମଚାରୀର ପ୍ରତୀକ। ଯିଏକି ପ୍ରତିଦିନ ଅନେକ ଚାପ, ନିନ୍ଦା, ଅପମାନ ସହି ବହୁ କଷ୍ଟରେ କାମ କରିଥାଏ। ୧୯୯୪ରେ ସ୍ଥପତି ମାଗ୍ନସ୍ ଟୋମାସନ୍ ଏହାକୁ ଗଢିଥିଲେ।

**କର୍ପୋରେଟ୍ ହେଡ୍:** କାନ୍ଥ ଭିତରେ ମୁଣ୍ଡ ପଶି ଯାଇଥିବା ଜଣେ ବ୍ୟୁରୋକ୍ରାଟଙ୍କର ଏହି ପ୍ରତିମୂର୍ତ୍ତି ପାଶ୍ଚାତ୍ୟ ସମାଜକୁ ଦର୍ଶାଏ। ଯେଉଁଠି ଲୋକେ ଅଧିକ ରୋଜଗାର ଅଧିକ ଲାଭ ପାଇଁ ନିଜ ମୁଣ୍ଡରେ ଚାପ ପକାଇ ତାକୁ ଅଫିସ୍‌ର ଚାରି କାନ୍ଥ ଭିତରେ ବାନ୍ଧି ରଖନ୍ତି। ଲସ୍ ଆଞ୍ଜେଲସ୍‌ରେ ଦେଖିବାକୁ ମିଳେ ଉକ୍ତ ପ୍ରତିମୂର୍ତ୍ତି।

**ୱାକିଂ ଟୁ ଦ ସ୍କାଏ:** ଉଚ୍ଚାଭିଳାଷୀ, ଉଚ୍ଚ ମନା ହେବା ଓ ସଫଳତାର ଶୀର୍ଷରେ ପହଞ୍ଚିବାର ଏକ ସକାରାତ୍ମକ ଭାବ ରଖିବାକୁ ଦର୍ଶାଏ ଏହି ସ୍ଥାପତ୍ୟ। ଯେଉଁଥିରେ ୭୫° କୋଣ କରି ରହିଥିବା ଏକ ୧୦୦ ଫୁଟ୍ ଉଚ୍ଚ ଲମ୍ବ ଖମ୍ବ ଉପରେ ଚାଲି ଚାଲି ଆକାଶ ପର୍ଯ୍ୟନ୍ତ ଯାଉଥିବା ଜଣେ କୁନି


ଦ ମୁସ୍ତାଙ୍ଗସ୍ ଅଫ ଲସ୍ କୋଲିନାସ

ଝିଅ, ବିଜନେସ୍ ଓମେନ, ଜଣେ ଯୁବକଙ୍କ ସହ ଆହୁରି କେତେଜଣ ବ୍ୟକ୍ତିଙ୍କୁ ଦେଖିବାକୁ ମିଳେ। ଉକ୍ତ ସ୍ଥାପତ୍ୟ ପିଟ୍‌ସବର୍ଗ ପେନ୍‌ସିଲଭାନିଆରେ ଅଛି।

**ମେମୋରିଆଲ ଟୁ ନେଲସନ୍ ମଣ୍ଡେଲା:** ଦକ୍ଷିଣ ଆଫ୍ରିକାର ସ୍ଥପତି ମାର୍କୋ ସିଆନଫାନେଲି ୫୦ଟି ଷ୍ଟିଲ୍‌ର ଖମ୍ବକୁ କଂକ୍ରିଟ୍ ଭୂମିରେ ପୋତି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲାଙ୍କ ଚେହେରାକୁ ଗଢିଛନ୍ତି। ଏହି ସ୍ଥାପତ୍ୟଟିର କେବଳ ଗୋଟିଏ କୋଣରୁ ଦେଖିଲେ ନେଲସନ୍ ମଣ୍ଡେଲାଙ୍କ ଚେହେରା ଦେଖାଯାଏ। ବର୍ଣ୍ଣବୈଷମ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ତଥା କଷ୍ଟକାୟଙ୍କ ଅଧିକାର ପାଇଁ ଲଢିଥିବା ନେଲସନ୍ ମଣ୍ଡେଲା ୨୮ ବର୍ଷ ଜେଲରେ କାଟିଥିଲେ। ତାଙ୍କ ଜେଲ ରହଣୀ ୧୯୬୨ରେ ଆରମ୍ଭ ହେଇଥିଲା। ଜେଲ ରହଣୀର ୫୦ ତମ ବାର୍ଷିକୀକୁ ଦର୍ଶାଏ ଏହି ୫୦ଟି ଖମ୍ବ।

**ଫୋର୍ସ ଅଫ୍ ନେଚର୍:** ଇଟାଲିର ସ୍ଥପତି ଲୋରେଞ୍ଜୋ କୁଇନ୍ ଗଢିଛନ୍ତି ଏକ ସିରିଜ୍ ସ୍ଥାପତ୍ୟ। ଯାହା ଫୋର୍ସ ଅଫ୍ ନେଚର୍ ଭାବେ ପରିଚିତ।ଏଥିରେ ଜଣେ ମହିଳା ଏକ ଲମ୍ବା କପଡାରେ ପୃଥିବୀକୁ ଟାଣି ଧରିଥିବା ଦେଖିବାକୁ ମିଳେ। ଏହି ପ୍ରତିମୂର୍ତ୍ତି ପୃଥିବୀର ବିଭିନ୍ନ ସହରରେ ସ୍ଥାପନ କରାଯାଇଛି। ଯେଉଁଥିରେ ଆମେରିକା, ଲଣ୍ଡନ, ମୋନାକୋ, ସିଙ୍ଗାପୁର ଆଦି ଅନ୍ତର୍ଭୁକ୍ତ।


ଚାର୍ଲସ୍ ଲା ଟ୍ରୋବ୍ ପ୍ରତିମୂର୍ତ୍ତି

**ଦ ନଟେଡ୍ ଗନ୍:** ଏକ ରିଭଲ୍‌ଭର୍‌ର ନଳୀକୁ ମୋଡି ବାନ୍ଧି ଦିଆଯାଇଥିବା ଦୃଶ୍ୟ ଦେଖିବାକୁ ମିଳେ ଏହି ସ୍ଥାପତ୍ୟରେ। ଅହିଂସାର ପ୍ରତୀକ ଏହି ସ୍ଥାପତ୍ୟଟି ନ୍ୟୁୟର୍କସ୍ଥ ୟୁନାଇଟେଡ ନେସନ୍‌ସର ହେଡକ୍ୱାର୍ଟର୍‌ରେ ଅଛି। ବ୍ରୋଞ୍ଜରେ ନିର୍ମିତ ଉକ୍ତ ସ୍ଥାପତ୍ୟକୁ ସ୍ୱିଜରଲାଣ୍ଡର ସ୍ଥପତି କାର୍ଲ ଫ୍ରେଡ୍ରିକ୍ ରିଉଟରସ୍ୱାର୍ଡ ତିଆରି କରିଛନ୍ତି।


ଦ ନଟେଡ୍ ଗନ୍


ମେମୋରିଆଲ ଟୁ ନେଲସନ୍ ମଣ୍ଡେଲା



# ଗାୟିକା ରତ୍ନ

**ପାଲା ପ୍ରତି ପିଲାଟି ବେଳରୁ ତାଙ୍କର ସୃଷ୍ଟି ହୋଇଥିଲା ଅହେତୁକ ଆକର୍ଷଣ। ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଆଗଧାଡିର ପାଲାଗାୟିକା ଭାବରେ ଦେଇଛି ପରିଚିତି। ପାଲା ପାଇଁ ଅନେକ ସମ୍ମାନ ଓ ସ୍ୱୀକୃତିର ଅଧିକାରୀ ହୋଇଥିବା ଗାୟିକା ରତ୍ନ ହେଲେ ଲକ୍ଷ୍ମୀପ୍ରିୟା ଦାଶ।**

୧୯୮୧ ଅକ୍ଟୋବର ୧୫ରେ ଲକ୍ଷ୍ମୀପ୍ରିୟାଙ୍କ ଜନ୍ମ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ବାଲୁଙ୍କେଶ୍ୱର ଗ୍ରାମରେ। ମାତା ସଂଯୁକ୍ତା ଓ ପିତାଙ୍କ ନାମ ପ୍ରଫୁଲ୍ଲ କୁମାର ଦାଶ। ତିନିଭଉଣୀ ଓ ଜଣେ ଭାଇକୁ ନେଇ ତାଙ୍କ ପରିବାର। ପିଲାଟି ଦିନରୁ ତାଙ୍କର ପାଲା ପ୍ରତି ରହିଥିଲା ଆକର୍ଷଣ। କଅଁଳ ବୟସରେ ପାଲା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକାଗ୍ର ହୋଇ ଦେଖୁଥିଲେ। ବୟସ ବଢ଼ିବା ସହ ତାଙ୍କର ପାଲା ନିଶା ବଢ଼ିଲା। ଏପରିକି ପଡୋଶୀ ଗାଁକୁ ବି ସେ ପାଲା ଦେଖିବାକୁ ଯାଉଥିଲେ। ଦଶମ ଶ୍ରେଣୀରେ ପଢୁଥିବା ବେଳେ ପାଲା ଗାୟିକା ହେବାକୁ ମନ ଉଚ୍ଚାଟ ହେଲା। ଆଉ ଗାୟକ ବାଣୀଭୂଷଣ ଅର୍ଜୁନ ଚରଣ ଦାଶଙ୍କ ପାଲା ପରିବେଷଣ ତାଙ୍କୁ ପାଲାଗାୟିକା ହେବା ଲାଗି ପ୍ରେରଣା ଦେଇଥିଲା। ଏଇ ସମୟରେ ଦିନେ ସ୍ୱପ୍ନରେ ସେ ଦେଖିଲେ ମା' ଶାରଳା ତାଙ୍କୁ କହୁଛନ୍ତି ତୁ ପାଲା ଗାୟିକା ହେବୁ। ବାସ୍, ତା ପରେ ତାଙ୍କ ଲକ୍ଷ୍ୟ ସ୍ଥିର ହୋଇଗଲା। ୧୯୯୬ରେ ମାଟ୍ରିକ୍ ପରୀକ୍ଷା ପରେ ସମ୍ପର୍କୀୟ ଶଙ୍କର ଚରଣ ଦାଶଙ୍କ ଠାରୁ ଆରମ୍ଭ ହେଲା ବିଦ୍ଧିବଦ୍ଧ ପାଲା ଶିକ୍ଷା। ମାସ କେଇଟା ଭିତରେ ସେ ପ୍ରସ୍ତୁତ ହେଲେ। ଆଉ ଚାମର ଧରି ମଞ୍ଚରେ ଠିଆ ହେଲେ। ସ୍ୱପ୍ନ ବାସ୍ତବ ରୂପ ନେଲା। ଏଇଠୁ ଆରମ୍ଭ ହେଲା– ପାଲା ଗାୟିକା ଜୀବନ। ତିନିମାସ ପରେ ନିକଟବର୍ତ୍ତୀ ମହିଲୋ ଗ୍ରାମର ପାର୍ବତୀ ଠାକୁରାଣୀଙ୍କ ପୀଠରେ ହୋଇଥିଲା ପାଲାପରିବେଷଣ। ମାତ୍ର ୧୫ବର୍ଷ ବୟସରେ ହାତରେ ଚାମର ଧରି ଏଇଠି ପାଲା ଗାୟିକା ଜୀବନ ଆରମ୍ଭ କଲେ ସେ। ପ୍ରଥମ ପରିବେଷିତ ପାଲାର ବିଷୟବସ୍ତୁ ଥିଲା 'ଗୟାତୀର୍ଥ'। ସେଦିନ ତାଙ୍କୁ ମିଳିଥିବା ପ୍ରଶଂସା ଉତ୍ସାହିତ କରିଥିଲା ଏ କ୍ଷେତ୍ରରେ ଆଗକୁ ଯିବା ପାଇଁ।

ପରବର୍ତ୍ତୀ ସମୟରେ ଗାୟକ ଶେଖର ଜଗନ୍ନାଥ ବେହେରା, ଗାୟକ ଲକ୍ଷ୍ମୀଧର ଦାଶଙ୍କଠାରୁ ସେ ପାଲା ଶିକ୍ଷା କଲେ । ଗାୟନଶୈଳୀ, ବିଷୟବସ୍ତୁ ଉପସ୍ଥାପନ, ପ୍ରାଚୀନ ସାହିତ୍ୟର ଆବଶ୍ୟକ ଉଦ୍ଧୃତି ଇତ୍ୟାଦିରେ ଦକ୍ଷତା ହାସଲ ଲାଗି ଚାଲିଲା ସାଧନା। ୧୯୯୭ ମସିହା କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ କଟକ ଜିଲା ତ୍ରିଶୂଳିଆ ନିକଟବର୍ତ୍ତୀ ଗୋଠପୁରରେ ପାଲା ପରିବେଷଣ ପାଇଁ ନିମନ୍ତ୍ରଣ ମିଳିଲା। ପୁଣି ଏକାଦି କ୍ରମେ ୫ରାତି, ଆଉ ବାଦୀପାଲା। ଅପରପକ୍ଷ ଗାୟିକା ଥାଆନ୍ତି କଟକ ଜିଲା ସାଲେପୁରର ମଞ୍ଜୁଲତା ସ୍ୱାଇଁ। ଏଠାରେ ଶ୍ରୋତାଙ୍କ କରତାଳି, ପୁରସ୍କାର ତାଙ୍କୁ ଆହୁରି ଅଧିକ ଉତ୍ସାହିତ କଲା। ଏହାପରେ ଧୀରେ ଧୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପାଲା ପରିବେଷଣ ପାଇଁ ନିମନ୍ତ୍ରଣ ଆସିଲା। କୋଲକାତା ସମେତ ଝାଡ଼ଖଣ୍ଡର ଷଢ଼େଇକଳା, ଡୁମୁରିଆରୁ ଆରମ୍ଭକରି କଟକ ଆକାଶବାଣୀ କେନ୍ଦ୍ର, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର, ପ୍ରାର୍ଥନା ଚ୍ୟାନେଲରେ ବି ପାଲା ପରିବେଷଣ କରିଛନ୍ତି।

**ପାଲା ପାଇଁ ରହିଲେ ଅବିବାହିତ:** ଦିନକୁ ଦିନ ପାଲା ପରିବେଷଣ ବଢିବା ସହ ପରିଚୟ ବି ବଢିଲା। ଆଉ ଏହି ସମୟରେ ତାଙ୍କ ଲାଗି ବିଭିନ୍ନ ସ୍ଥାନରୁ ବିବାହ ପ୍ରସ୍ତାବ ଆସିବାକୁ ଲାଗିଲା। ଏ ସମ୍ପର୍କରେ ଲକ୍ଷ୍ମୀପ୍ରିୟା କୁହନ୍ତି, ସବୁ ବିବାହ ପ୍ରସ୍ତାବରେ ସର୍ତ୍ତ ରହିଥିଲା ବିବାହ ପରେ ପାଲା ଛାଡ଼ିବାକୁ ପଡ଼ିବ। ପାଲା କରିବା ପାଇଁ ମା'ଶାରଳା ଯେତେବେଳେ ସ୍ୱପ୍ନାଦେଶ ଦେଇଛନ୍ତି, କୌଣସି ପ୍ରକାରେ ପାଲାଠାରୁ ଦୂରେଇ ରହିପାରିବି ନାହିଁ ବୋଲି ରୋକ୍‌ଠୋକ୍ ଶୁଣେଇଦେଲି।

**ପାଲା ପାଇଁ ସମ୍ମାନ**

ନିଜର ସ୍ୱକୀୟ ଶୈଳୀ ପାଇଁ ପରିଚିତା ଲକ୍ଷ୍ମୀପ୍ରିୟାଙ୍କୁ ମିଳିଛି ଗାୟିକା ରତ୍ନ, ଗାୟିକା ଶିରୋମଣୀ, ଗାୟିକା ବାଣିଶ୍ରୀ, ଗାୟିକା ମନ୍ଦାକିନୀ ଆଦି ଉପାଧି। ଏଥିସହ ଦ୍ୱିତୀୟ ଭଞ୍ଜ ଗୋଲକ ପ୍ରଧାନ ସ୍ମୃତି ସମ୍ମାନ,ଜଗତ୍‌ସିଂହପୁର ଜିଲା ମହୋତ୍ସବର କଲ୍ଲୋଳ ସମ୍ମାନ, କଳା ପ୍ରତିଭା ସମ୍ମାନ, ପ୍ରଫୁଲ୍ଲ ପାଠାଗାର, ଓଡ଼ିଶା ପାଲାଗାୟକ ପରିଷଦ,ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସମ୍ମାନ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର(୨୦୦୬), ଲୋକ ସଙ୍ଗୀତ ବର୍ଗରେ ଉସ୍ତାଦ ବିସ୍‌ମିଲ୍ଲା ଖାଁ ଜାତୀୟ ଯୁବ ପୁରସ୍କାର(୨୦୧୩–୧୪) ସହ ବହୁ ପୁରସ୍କାରର ଅଧିକାରିଣୀ ହୋଇଛନ୍ତି ଲକ୍ଷ୍ମୀପ୍ରିୟା।

**ଘଣ୍ଟାଏ ବଦଳରେ ଦୁଇ ଘଣ୍ଟା:** ପାଲା ପରିବେଷଣ ବେଳର ଏକ ଅନୁଭୂତି ସମ୍ପର୍କରେ ଲକ୍ଷ୍ମୀପ୍ରିୟା କୁହନ୍ତି– କେନ୍ଦ୍ରାପଡ଼ା ଜିଲା ଓଳାଭରରେ ଜାଗର ଉପଲକ୍ଷେ ୫ରାତି ପାଲା ପରିବେଷଣ ଲାଗି ନିମନ୍ତ୍ରଣ ଆସିଥିଲା। ଅବଶ୍ୟ ସେତେବେଳେ ମାଧ୍ୟମ ଥିଲା କେବଳ ଚିଠି। ଚିଠି ଦେଖି ଖାତାରେ ତାରିଖ ଲେଖିଲୁ। ସେହି ଅନୁସାରେ ଆମେ ୧୯ ତାରିଖରେ ଯାଇ ସେହି ସ୍ଥାନରେ ପହଞ୍ଚି ଶୁଣିଲୁ ପାଲା ୧୬ରୁ ଆରମ୍ଭ ହୋଇଯାଇଛି। ସେଦିନ ୪ର୍ଥ ରାତି। ଏହା ଜାଣିବା ପରେ ବଡ଼ ବ୍ୟସ୍ତ ଲାଗିଲା। ଅପରପକ୍ଷେ ପାଲା



ଆୟୋଜକମାନେ ମୋ ସ୍ଥାନରେ ଅନ୍ୟ ଜଣେ ଗାୟିକାଙ୍କୁ ଆଣି ପାଲା ଚଳାଇଥାନ୍ତି। ଆମକୁ ଦେଖିବା ପରେ ଆୟୋଜକମାନେ ବିରକ୍ତି ପ୍ରକାଶ କଲେ। ଆମେ ଗୋଟିଏ ସ୍ଥାନରେ ଠିଆ ହୋଇଥାଉ। ଏଇଭଳି ବେଶ୍ କିଛି ସମୟ ବିତିଗଲା। ଆୟୋଜକଙ୍କ ମଧ୍ୟରୁ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଆସି ମୋତେ ପଚାରିଲେ– ତୁମ ଗୁରୁ କିଏ ? ମୋ'ଠୁ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ନାମ ଶୁଣିଲା ପରେ ସେ ଟିକେ ଶଙ୍କିଗଲେ। ଅନ୍ୟ ଆୟୋଜକଙ୍କୁ କହିଲେ, ଯଦି ଲକ୍ଷ୍ମୀପ୍ରିୟାଙ୍କୁ ଫେରାଇଦେବା ଆଉ ସେ ତାଙ୍କ ଗୁରୁଙ୍କୁ କହିଦେବେ ଏ କଥା ନିଶ୍ଚିତ ସଂଘରେ ଉଠିବ। ଭବିଷ୍ୟତରେ କିଛି ବିଭ୍ରାଟ ବି ହୋଇପାରେ। ତେଣୁ ସେମାନେ ସ୍ଥିର କଲେ ଦୁଇ ଗାୟିକାଙ୍କ ମଝି ସମୟ ଅର୍ଥାତ୍ ପ୍ରଥମ ପାଳିର ଗାୟିକାଙ୍କ ପରିବେଷଣ ଶେଷ ଏବଂ ଦ୍ୱିତୀୟ ଗାୟିକାଙ୍କ ଆରମ୍ଭ ପୂର୍ବରୁ ମୋତେ ଘଣ୍ଟାଏ ପାଲା ପରିବେଷଣ ପାଇଁ ସୁଯୋଗ ଦିଆଯିବ। ସେଥିରେ ମୁଁ ରାଜି ହେଲି। ସେଦିନ ପ୍ରଥମପାଳି ଶେଷ ହେଲା ପରେ ଆମ ପାଲା ପରିବେଷଣ ଆରମ୍ଭ କଲୁ। ନିୟମ ଅନୁଯାୟୀ ଘଣ୍ଟାଏ ପାଖାପାଖି ହେବାବେଳକୁ ମୁଁ ପରିବେଷଣ ବନ୍ଦ କରିବା ଲାଗି ଅନୁମତି ମାଗିବା ମାତ୍ରେ ଉପସ୍ଥିତ ଶ୍ରୋତା, ଆୟୋଜକମାନେ ବି କହିଲେ ବନ୍ଦ କରନ୍ତୁ ନାହିଁ। ଚାଲୁ , ପାଲା ଘଣ୍ଟାଏରୁ ଦୁଇଘଣ୍ଟା ହୋଇଗଲା। ମୋତେ ଛାଡ଼ିବାକୁ ସେମାନେ ନାରାଜ। ଶେଷପାଳିର ଗାୟିକାଙ୍କ ସାଥୀମାନେ ବି ଆସି ମଞ୍ଚରେ ବସି ରହିଥାନ୍ତି। ସେଦିନ ଢେର ପ୍ରଶଂସା ମିଳିଥିଲା। ସେହି ଘଟଣା ମୋ ମନରେ ଅଭୁଲା ହୋଇ ରହିଯାଇଛି।

ପାଲାର ସାମ୍ପ୍ରତିକ ଅବସ୍ଥା ସମ୍ପର୍କରେ ସେ କୁହନ୍ତି– 'ଆଜିବି ଅନେକ ସହର ଓ ଗ୍ରାମାଞ୍ଚଳରେ ମହିଳା ପାଲାର ଆଦର ରହିଛି। ନ ହେଲେ ଗାୟିକା ସଂଖ୍ୟା ବର୍ଷକୁ ବର୍ଷ ବଢନ୍ତା ନାହିଁ'। ବାୟକ ସୁରେନ୍ଦ୍ରନାଥ ଜେନା,ପାଳିଆ ରଘୁନାଥ କର,ବଳରାମ ପାତ୍ର, ରତ୍ନାକର ତ୍ରିପାଠୀ, ଶ୍ରୀପାଳିଆ ଶଙ୍କର ଚରଣ ଦାଶଙ୍କୁ ନେଇ ଲକ୍ଷ୍ମୀପ୍ରିୟାଙ୍କ ଏବେର ପାଲା ଦଳ। ତେବେ ଜିଇଁଥିବା ଯାଏଁ ପାଲା ପରିବେଷଣ କରୁଥିବି ବୋଲି କୁହନ୍ତି କଳାର ପୂଜାରିଣୀ ଲକ୍ଷ୍ମୀପ୍ରିୟା।

**–ବୀରଭଦ୍ର ବିଶ୍ୱାଳ**



# ଚିତ୍ରକାରର ଛବିଥିବା ବହି

– ପ୍ରଦୀପ୍ତ କୁମାର ବେହୁରା

**କା**ଲି ରାତିରେ
ସ୍ୱପ୍ନରେ ଆସିଲା
ଚିତ୍ରକାର ।
ନିଦାଘର
କୃଷ୍ଣଚୂଡ଼ା ଫୁଲ ପରି
ତା' ମୁହଁ ଥିଲା ଲାଲ୍
ପତ୍ର ନ ଥିବା ଗଛ ପରି
ତା' ହାଡୁଆ ଦେହ
ହେଉଥିଲା ଦୋଳାୟମାନ
ଧଳା କାଗଜ ଫୁଲ ପରି
ତା' ମୁଣ୍ଡର ବାଳ
ଉଡୁଥିଲା ଫର୍‌-ଫର୍‌
ପାଚିଲା ନିଶ ଦାଢ଼ିରେ
ଚିତ୍ରକାରଟି ଲାଗୁଥିଲା
କିମ୍ଭୂତକିମାକାର
ଆଖିରେ ମୋଟା ଯବକାଚର
ଚଷମା ଥିଲା
ପାନଖିଆ ପାଟିଟି
ବନ୍ଦ ଥିବାରୁ
ଦାନ୍ତର ଭୂଗୋଳ ଜାଣିବାର
ଅବକାଶ ନ ଥିଲା ।

କୋଟ୍‌ ପିନ୍ଧିଥିଲା
ଟାଏ ନ ଥିଲା
ପ୍ୟାଣ୍ଟ ଟି ଜିନ୍‌ ନ ଥିଲା
ତା' ପ୍ରିୟ ପୁରୁଣା ବୁଟ୍‌ ଟିକୁ
ପାଲିସ୍‌ କରି ପିନ୍ଧିଥିଲା
ସେ ଯେ ଅତି ପୁରୁଣା
ତାହା ଧରାପଡ଼ି ଯାଉଥିଲା ।
ଯେମିତି ଦିନେ
ଧରାପଡ଼ି ଯାଇଥିଲା
ତା' ଅମଣିଷପଣିଆ
ଲୋକଙ୍କ ପାଖରେ,
ତା' ମୁହଁ ମଳିନ ପଡ଼ିଥିଲା
ସମାଜର ଦର୍ପଣରେ ।

ନିଦ ଭାଙ୍ଗିଲା ତ
ବହିଥାକରୁ ଖଣ୍ଡେ ବହି
ଗଳି ପଡ଼ିଲା –
ସେଇ ଚିତ୍ରକାରର ଛବିଥିବା ବହି ।

–ବି.ଏଲ୍‌-୮, ଭି.ଏସ୍‌.ଏସ୍‌ ନଗର
ଭୁବନେଶ୍ୱର
ଫୋନ୍‌: ୯୯୩୭୪୭୬୧୭୩

# ମାଆର ସୁଖ

–ଜୟଶ୍ରୀ ମୁଦ୍ରା

**ପୁ**ଅ ମୋର କହି ଯାଇଛି, ଆମେରିକାରୁ ଫେରି ଆସିବ । ଆମେ ସମସ୍ତେ ଏକାଠି ରହିବୁ । ହସ ଖୁସିରେ ପୁରି ଉଠିବ ଘର । ନାତି ଟୋକାଟା ବି ଦୁଇ ବର୍ଷର ହେଇ ଯାଇଥିବ । ଠୁକୁ ଠୁକୁ ହୋଇ ଚାଲୁଥିବ । ମୋତେ ଆଉ ଏକୁଟିଆ ଲାଗିବନି । ଏତେବଡ଼ ଘରଟାରେ ମୁଁ ଏକୁଟିଆ । କାମବାଲି ଟିକିନା ସକାଳେ ଆସେ,ସଂଜରେ କାମ ସାରି ଚାଲି ଯାଏ । ଆଉ ମୁଁ ଯୋଉ ଏକୁଟିଆକୁ ସେଇ ଏକୁଟିଆ ହେଇଯାଏ । ବୁଢ଼ାଟା ମଲାବେଳେ ତା' ପୁଅକୁ ଭାରି ବିକଳ ହେଇ ଖୋଜୁଥିଲା । ହେଲେ ପୁଅ ଆସିଲା ବେଳକୁ ବାପ ତା' ଜୀବନ ଛାଡ଼ି ସାରିଥିଲା । ପୁଅ ଆସିଲା ହେଲେ ଯିବା ପାଇଁ ଭାରି ତରତର ହେଉଥିଲା । ନ ହେବ ବା କାଇଁକି ? ଦୂର ରାଇଜରେ ପରା ସ୍ତ୍ରୀ ଛୁଆକୁ ଛାଡ଼ି ଆସିଛି , ସେଇଥିପାଇଁ । ମୁଁ କଣ କରିବି କିଛି ବୁଝି ପାରୁନି । ଗଲାବେଳେ ମୋତେ ଗୋଟେ ଧଳା କାଗଜରେ ଦସ୍ତଖତ କରିବାକୁ କହିଲା । ଆଉ କହିଲା – ବୋଉ, ତୁ ଜମା ବ୍ୟସ୍ତ ହବୁନୁ । ତୋ ବୋହୂ ଆଉ ନାତି କି ଆଣି ମୁଁ ସହଳ ଫେରିଆସିବି । ହଁ...ମୋ ପୁଅ କହିଛି ମାନେ ନିଶ୍ଚୟ ଆସିବ.. ନିଶ୍ଚୟ ଆସିବ । ମୋ ପୁଅ ଆସିବ..ମୋ ପୁଅ ଆସିବ... ।

–କିଏ ? କିଏ ?

–କିଏ, ଗଙ୍ଗା ଆଇଲୁ କିରେ .... ।

–ନାଇଁ ମାଉସୀ । ମୁଁ ଗଙ୍ଗା ନୁହଁ । ମୁଁ ମନୋଜ । ମନୋଜ ପଟ୍ଟନାୟକ । ତୁମ ପୁଅ ଗଙ୍ଗାଙ୍କ ପାଖରେ ମୋର କିଛି କାମ ନାହିଁ । ତୁମ ପାଖରେ କାମ ଥିଲା ।

–ମୋ ପାଖରେ ? ମୋ ପାଖରେ ପୁଣି ତୁମର କି କାମ ବାପ ?

–ତୁମ ପୁଅ ମୋତେ ଫୋନ୍‌ କରିଥିଲେ । କହିଲେ , ମାଆ ଏକୁଟିଆ ରହୁଛି । ଏତେବଡ଼ ଘରେ ବି ତୁମେ ଏକୁଟିଆ ରହୁଛ । ବୟସ ହେଲାଣି । ଦେହ ପା' ବି ଭଲ ରହୁନାହିଁ ।

–ହଁ ରେ ବାପ ! ଦେହପା ବି ଆଉ ଜମା ଭଲ ରହୁନି । ଅଣ୍ଟା ପିଠି ଧରିଗଲାଣି ରେ... ।

–ସେଇଥିପାଇଁ ମାଉସୀ ତୁମ ପୁଅ କଥା ଅନୁସାରେ ମୁଁ ଏଠିକି ଆସିଛି । ମାଉସୀ, ଚାଲ । ମୋ ଗାଡ଼ିରେ ବସ । ତୁମକୁ ନେଇକି ମୁଁ ଗୋଟେ ଆଶ୍ରମରେ ଛାଡ଼ି ଦେଇକି ଆସିବି । ସେଠି ଅନେକ ଲୋକ ରହୁଛନ୍ତି । ତୁମର କିଛି ବି ଅସୁବିଧା ହେବନି । ଖାଇବା, ପିଇବା, ରହିବାର ବନ୍ଦୋବସ୍ତ ସବୁ ଫାଷ୍ଟ କ୍ଲାସ୍‌ । ପୁଅ କଥା ଦେଇଛି, ପ୍ରତି ମାସରେ ତୁମ ଖର୍ଚ୍ଚ ପାଇଁକି ତୁମକୁ କିଛି ଟଙ୍କା ପଠାଇବ ।

– ଆଶ୍ରମ ମାନେ ? ? ଯେଉଁଠି ଏକୁଟିଆ ପଡିଯାଇଥିବା ବୁଢ଼ାବୁଢ଼ୀ ରୁହନ୍ତି ? ନାଇଁ ନାଇଁ.. ମୁଁ ସେଠିକି ଜମାରୁ ଯିବିନି । ଜମା ଯିବିନି ମୁଁ ସେଠିକି ।

–କି ଅଜବ କଥା କହୁଛନ୍ତି ଆପଣ । ବୃଦ୍ଧାଶ୍ରମ ନ ଗଲେ ଆପଣ ରହିବେ କୋଉଠି ?

–କାହିଁକି ? ଏଇଠି । ଏଇ ମୋ ଘରେ ।

–ଏ ଘରେ ? ହଁ ... । ଏଇ ଘରେ ଆପଣ ରହିବେ ? ଏ ଘର ଆପଣ ମୋତେ ବିକି ସାରିଛନ୍ତି ।

– ଏଁ... !! କେତେବେଳେ ???

– ଆପଣଙ୍କ ପୁଅ ମୋତେ ବିକିଛନ୍ତି ମାଉସୀ । ଆପଣ ଦସ୍ତଖତ ଦେଇଛନ୍ତି ।

– ପୁଅ କହିଲା ବୋଲି ଦସ୍ତଖତ କରିଦେଲି । ପୁଅ କହିଲା ଆଉ ମୁଁ ଦସ୍ତଖତ କରନ୍ତିନି କି ବାପ ? ସେଇଟା ପୁଅ ବିଦେଶ ଯିବା କାମ ପାଇଁ ଲୋଡ଼ା ନଥିଲା ତା'ହେଲେ ?

–ନାଇଁ ମାଉସୀ ! ଆପଣ ଯୋଉଥିରେ ଦସ୍ତଖତ କରିଥିଲେ,ସେଇଟା ଏଇ ଘରର କବଲା ପତ୍ର ହିଁ ଥିଲା ।

–ଉଁ ଉଁ...ହଉରେ ପୁଅ । ମୁଁ ଟିକେ ଚଉରା ମୂଳେ ମୁଣ୍ଡିଆ ମାରିଦିଏ, ତା' ପରେ ତମେ ଘର ନେଇଯିବ । ଆଉ ମୁଁ ଚାଲିଯିବି । ତୁମ ଘରେ ପୁଅ କାହିଁ ରହିବି ? ମୁଁ ମୋ ଲୁଗାପଟା, ଇଷ୍ଟଦେବ ରାଧାମାଧବଙ୍କୁ ନେଇ ପଳେଇବି ।

–କୋଉଠିକି ଯିବ ମାଉସୀ ? ବୃଦ୍ଧାଶ୍ରମକୁ ଯିବ ତ ?

–ନାଇଁରେ ପୁଅ । ମୋତେ ସେଇ ସବୁ ଜାଗା କାଞ୍ଜିଆହୁଦା ଭଳି ଲାଗେ । ମୋ ରାଧାମାଧବ ଯୁଆଡେ ଚାହିଁବେ ସେଆଡ଼େ ଚାଲିଯିବି .. । ଧନରେ ଦି' ଦିନ ମହଲତ ଦେ । ଟିକେ ମନ ପୂରେଇ ଏଇ ଘରେ ଦିନଟେ ରୁହେ । କେଡ଼େ ସରାଗରେ ଆମେ ମିଳିମିଶି ରହିବୁ ବୋଲି ସେ ମୁଣ୍ଡେ ଝାଳ ତୁଣ୍ଡରେ ମାରି ଭିଟାମାଟିରେ ତିଆରି କରିଥିଲେ ଘର । ବାପରେ ! ଗୋଟେ ମାଗୁଣି ରଖିବୁ । ବାଡ଼ି ପଟ କୂଅ ପାଖେ ଯାଙ୍କ ଅସ୍ଥି ଅଛି । ଯଦି କେବେ ଗୟା ଯାଉ ବିସର୍ଜନ କରିଦେବୁ ନ ହେଲେ ସେଇଠି ଛୋଟିଆ କରି ସମାଧି ଗୋଟେ କରିଦେବୁ । ଘର ସିନା ବିକିଥିବ ପୁଅ । ବାଡ଼ି ଗୋଟାକ ପଡିଛି । ଅଢ଼େଇ ଗୁଣ୍ଠର ଜାଗା । କାଗଜ ଆଣିଦେ । ଦସ୍ତଖତ କରିଦେବି ।

–ମାଉସୀ ...

– ହଁରେ ପୁଅ । ବୁଢ଼ୀ ଲୋକ । ମରି ହଜି ଯିବି । କାହା ଓଳି ତଳେ ଠିଆ ହେବିନି । ଏଇଠି ରାନ୍ଧି ବାଢି ନିଜ କାମ କରି ଚଳୁଛି । ଆଉ କୋଉଠି ସେଇଆ କରିବି । ପୁଅକୁ ନିନ୍ଦିବିନି ବାପ । ତା' ଦୁଃଖ ସେ କରୁଛି । ବିଦେଶରେ ଅଛି । ନିଜ ସ୍ତ୍ରୀପିଲାଙ୍କୁ ନେଇ ଚଳୁଛି । କାହିଁକି ଏଇ ବୁଢୀଟା ପାଇଁ ନିଜ ସୁଖ ସାରିବ ?

–ମାଉସୀ । ଗୋଟେ କଥା ରଖିବ । ତୁମକୁ ମୋ ରାଣ । ମୁଁ ତୁମ ପୁଅ ଭଳି । ତୁମେ କହିଲେ ଗୟା ଯିବି । ଗଙ୍ଗା ଶ୍ରାଦ୍ଧ କରିବି । ସମାଧି କରିବି । ହେଲେ ତୁମେ ମାଉସୀ ଆମ ସହ ରହ । ମୋ ସ୍ତ୍ରୀ ତୁମ ବୋହୂ । ମୋ ପୁଅ ଝିଅ ତୁମ ନାତି ନାତୁଣୀ । ତୁମେ କୁଆଡେ ଯିବାର ନାହିଁ ।

– ହେଲେ ପୁଅ ...

– ଆଉ କିଛି ଶୁଣିବିନି ମାଉସୀ । ଏଠି ରହିଲେ ସିନା ବିଦେଶରୁ ପୁଅ ବୋଲି ଖୋଜି ଆଇଲେ ତୁମକୁ ଦେଖିବ । ତୁମେ ତୁମ ପୁଅକୁ ଦୁଃଖୀ କରିପାରିବ କି ?

– ନାଇଁରେ ପୁଅ । ସେମିତି କେମିତି ହେବ ? ତା ଦୁଃଖରେ ମୋ ଛାତି ଫାଟିଯିବ । ସେ ମୋ ଜୀବନ, ମୋ ସୁଖ, ଶାନ୍ତି । ଯେଉଁଠି ଥାଉ ସୁଖରେ ଥାଉ । ମହାପ୍ରଭୁ ତାକୁ ଘଣ୍ଟ ଘୋଡେଇ ରଖନ୍ତୁ ।

*–(ଉପସ୍ଥାପିକା), ଆକାଶବାଣୀ, ପୁରୀ*
*ମୋ: ୭୮୫୫୦୫୫୨୨୭*





# 'ବ୍ଲାଇଣ୍ଡ'ରେ ସୋନମ

ପୁତ୍ର ସନ୍ତାନର ଜନନୀ ହେବା ପରେ ସୋନମ କପୁର ଏବେ ପୁଣି ଥରେ ମଇଦାନକୁ ଓହ୍ଲାଇଛନ୍ତି। ଅର୍ଥାତ୍, ସେ ପୂର୍ବଭଳି ଅଭିନୟ କରିବାକୁ ଯାଉଛନ୍ତି। ସୋମ୍ ମାଖିଜାଙ୍କ ଅଗାମୀ ଫିଲ୍ମ 'ବ୍ଲାଇଣ୍ଡ'ର ମୁଖ୍ୟ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ଏଥିରେ ସୋନମ ଜଣେ ପୋଲିସ ଅଫିସର ଭୂମିକାରେ ଦେଖାଦେବେ। ହାତରେ ବନ୍ଧୁକ ଧରି ଫାୟରିଂ ପ୍ରାକ୍ଟିସ କରୁଥିବାର ଏକ ଫଟୋ ସେ ତାଙ୍କର ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ନେଇ ସୋନମ କହନ୍ତି, 'ଏହି ଫିଲ୍ମରେ ମୋତେ ଜଣେ ପୋଲିସ ଅଫିସର୍ ଭୂମିକା ମିଳିଛି। ଫାୟରିଂକୁ କିପରି ଆକ୍ୟୁରେଟ୍ କରାଯାଇପାରିବ ସେଥିଲାଗି ମୁଁ ପ୍ରାକ୍ଟିସ କରୁଛି। ସୋସିଆଲ ମିଡିଆରେ ମୋର ଏଭଳି ଏକ ଫଟୋକୁ ପ୍ରଶଂସକମାନେ ଲାଇକ୍ କରିବା ସହ ଭଲ କମେଣ୍ଟ ଦେଇଛନ୍ତି। ବିଶେଷଭାବରେ ଏହି ଫିଲ୍ମରେ ଦର୍ଶକ ମୋତେ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। କିଛି ବର୍ଷ ଗ୍ୟାପ୍ ପରେ ମୁଁ ପୁଣି ଥରେ କ୍ୟାମେରା ସାମ୍ନା କରୁଛି ଏବଂ ଏଣିକି ପୁଣିଥରେ ମୋ କ୍ୟାରିୟର ଉପରେ ଫୋକସ କରିବି। ତେବେ ଏହି ଫିଲ୍ମଟି ସୋନମଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।


ସୋନମ


ପୂଜା

# ଅଡୁଆ କରିଛି ବୋଲ୍ଡ ଶଟ୍

'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡେ। କିନ୍ତୁ ଯେଉଁ ଆଶା ନେଇ ସେ ଏଠାକୁ ଆସିଥିଲେ ତାହା କେତେ ପୂରଣ ହୋଇଛି ତାହା ତ ଅଲଗା କଥା, ହେଲେ ଏବେ ଏକ ନୂଆ ଅଫରକୁ ନେଇ ତାଙ୍କର ଟେନ୍ସନ୍ ବଢ଼ିଯାଇଛି। ଏହାର କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା, ଏଥିରେ ସଂଯୋଜିତ କେତୋଟି ବୋଲ୍ଡ ଶଟ୍ ତାଙ୍କର ଚିନ୍ତା ବଢ଼ାଇ ଦେଇଛି। ଏଭଳି ବିଷୟକୁ ନେଇ ପୂଜା କହନ୍ତି, 'ଏହି ନୂଆ ସିନେମାର କାହାଣୀ ବେଶ୍ ଦମଦାର। ହେଲେ ସେଥିରେ ଥିବା କେତୋଟି ବୋଲ୍ଡ ଶଟ୍ ମୋ ଟେନ୍ସନ ବଢ଼ାଇ ଦେଇଛି। ଅବଶ୍ୟ ଏହାର ସଂଯୋଗ କାହାଣୀ ସହ ରହିଛି। ଏଭଳି ପରିସ୍ଥିତିକୁ କିପରି ମୁକାବିଲା କରିବି ଚିନ୍ତା କରିପାରୁନି। ଯଦି ଅଫର୍‌ଟିକୁ ହାତଛଡା କରୁଛି ତେବେ ଭଲ ସିନେମାଟିଏ ମିସ୍ କରିବି। ତେଣୁ ମୁଁ କ'ଣ କରିବି କିଛି ଚିନ୍ତା କରିପାରୁନାହିଁ। ଏ ନେଇ ନିଷ୍ପତ୍ତି ନେବାକୁ ପ୍ରଯୋଜନା ସଂସ୍ଥା ମୋତେ ଦୁଇ ସପ୍ତାହ ସମୟ ଦେଇଛି। ଏହା ଭିତରେ ମୋତେ ଯାହା ହେଲେ ବି କିଛି ଫାଇନାଲ କରିବାକୁ ପଡିବ।' ତେବେ ପୂଜା ଏ ବିଷୟରେ କ'ଣ ଡିସିସନ ନେଉଛନ୍ତି ତାହା ଖୁବ୍ ଶୀଘ୍ର ଜଣାପଡିଯିବ। ସୂଚନାଯୋଗ୍ୟ ଯେ, ସଲମାନ ଖାଁ ଏବଂ ପୂଜା ହେଗଡେ ଅଭିନୀତ 'କିସି କା ଭାଇ କିସିକା ଜାନ୍' ଚଳିତ ବର୍ଷ ଇଦ୍ ଅବସରରେ ମୁକ୍ତିଲାଭ କରିଛି।

# ପାପା ଦ ଗ୍ରେଟ୍

ବଲିଉଡ୍‌ର ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ମହେଶ ମଞ୍ଜରେକର। ତାଙ୍କର କନ୍ୟା ସାଇ ଇତି ମଧ୍ୟରେ ହିନ୍ଦୀ ସିନେମାରେ କ୍ୟାରିୟର ଆରମ୍ଭ କରିସାରିଛନ୍ତି। ସଲମାନ ଖାଁ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ତଥା ଦବଙ୍ଗ-୩'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଅଭିନୟକୁ ଆଦରି ନେବା ପଛରେ ତାଙ୍କ ପାପାଙ୍କର ଭୂମିକା ରହିଛି। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସାଇ କହନ୍ତି, 'ଯେତେବେଳେ ମୁଁ ଆକ୍ଟିଂକୁ କ୍ୟାରିୟର କରିବି ବୋଲି ପାପାଙ୍କୁ କହିଲି ସେ ମୋତେ ସପୋର୍ଟ କରିଥିଲେ। ପ୍ରଥମେ ଏକ ମରାଠୀ ଫିଲ୍ମ 'କାକସ୍ପର୍ଶ'ରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲି। ତା'ପରେ ସଲମାନ ମୋତେ 'ଦବଙ୍ଗ ୩'ରେ ସୁଯୋଗ ଦେଇଥିଲେ। ମୁଁ ମାନୁଛି ୨୦୧୨ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୧ ବର୍ଷ ଭିତରେ ମୁଁ ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିଛି। ହେଲେ ଏ ନେଇ ମନ ଦୁଃଖ କରିବାର ନାହିଁ।' ଏବେ ସାଇଙ୍କ ଅଭିନୀତ ହିନ୍ଦୀ ସିନେମା 'କୁଛ୍ ଖଟ୍ଟା ହୋ ଯାଏ' ଶୁଟିଂ ଶେଷ ହୋଇଛି। କେବଳ ହିନ୍ଦୀ ନୁହେଁ, ସେ ମରାଠୀ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।

# ପହଁରିବାକୁ ଡର

ଭିକି କୌଶଲ ଯେ ଜଣେ ଦକ୍ଷ ଅଭିନେତା, ଏକଥା ସମସ୍ତେ ଜାଣନ୍ତି। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। ତାହା ହେଲା ପହଁରିବା ବା ସୁଇମିଂ। କଥା କ'ଣ କି ଭିକିଙ୍କୁ ଆଦୌ ସୁଇମିଂ ଜଣାନାହିଁ। ଏକଦା ସେ ତାଙ୍କ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିଲେ। ସମୁଦ୍ରରେ ତାଙ୍କୁ ଯେତେବେଳେ ତାଙ୍କର ସାଙ୍ଗମାନେ ଗାଧୋଇବାକୁ ଡାକିଲେ ଭିକି ନମ୍ରତାର ସହ ମନା କରିଦେଇଥିଲେ। ଏ ନେଇ ଭିକି କହନ୍ତି, 'ମୋତେ ପହଁରିବାକୁ ଭାରି ଡର ଲାଗେ। ଯଦି ଗଭୀର ପାଣି ଦେଖେ ତା'ଠାରୁ ମୁଁ ଦୂରେଇ ରହେ। ଏଭଳି ଏକ ଭୟ ପିଲାଟି ଦିନରୁ ମୋ ମନରେ ରହିଆସିଛି। କେତେଥର ଚିନ୍ତା କରିଛି ମୋର ଏହି ଅବସୋସକୁ ପୂରଣ କରିବି। ଯେମିତି ହେଲେ ସୁଇମିଂ ଶିଖିବି। ହେଲେ ମନକୁ ସିନା ଦୃଢ଼ କରି ଆଗାଏ, ହେଲେ ଠିକ୍ ସ୍ଥାନରେ ପୁଣି ଦୋଛକିରେ ପଡିଯାଏ। ଦୁଇ-ତିନି ଥର ସୁଇମିଂ ପ୍ରାକ୍ଟିସରୁ ଫେରିଛି। ଆଉ ତା'ପରେ ଡିସିସନ ନେଇଛି ଯେ ଏ କାମ ମୋ ଦ୍ୱାରା ହେବ ନାହିଁ। ତେଣୁ ସୁଇମିଂ ହିଁ ମୋ ମନରେ ଏକ ଅବସୋସ ଭାବରେ ରହିଯାଇଛି।' ଆଉ ଏକ କଥା। ଭିକିଙ୍କୁ ହରର୍ ଫିଲ୍ମ ଦେଖିବାକୁ ଭାରି ଡର ଲାଗେ। ନିକଟରେ ଭିକି ଏକ ନୂଆ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ ରହିଛି 'ଜରା ହଟ୍‌କେ, ଜରା ବଚ୍‌କେ'। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ସାରା ଅଲ୍ଲୀ ଖାଁ।


ଭିକି


ସାଇ ମଞ୍ଜରେକର

# ଅପେକ୍ଷାରେ ପରିଣିତି

ପରିଣିତି ଚୋପ୍ରା ଏବେ ଏକ ନୂଆ କଥା ଚିନ୍ତା କରୁଛନ୍ତି। ଯଦି ତାଙ୍କୁ ଆକ୍ସନ ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗ ମିଳନ୍ତା, ତେବେ ସେ ନିଜ ଦକ୍ଷତା ଦେଖାଇପାରନ୍ତେ। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ପରିଣିତି କହନ୍ତି, 'ଅବସର ସମୟରେ ମୁଁ ଆକ୍ସନଭିତ୍ତିକ ଫିଲ୍ମ ଦେଖେ।। ବିଶେଷକରି ହଲିଉଡ୍‌ର ଆକ୍ସନଭିତ୍ତିକ ସିନେମା ମୋତେ ବେଶ୍ ପ୍ରଭାବିତ କରିଛି। ଆଉ ଏକ କଥା-ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ପରିଣିତିଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ବାକି ରହିଲା। ଅନ୍ୟପକ୍ଷରେ ସିକୁଏଲ ଫିଲ୍ମ 'ଶିଦ୍ଦତ-୨'ରେ ପରିଣିତିଙ୍କୁ ସନି କୌଶଲଙ୍କ ଅପୋଜିଟ୍‌ରେ ଦେଖିବାକୁ ମିଳିବ।


ପରିଣିତ

# ପ୍ରୀତି ବନ୍ଧନ

ପ୍ରେମରେ ବି ପ୍ରତିଯୋଗିତା। ନିଜ ପ୍ରେମିକାକୁ ହାସଲ କରିବାକୁ ହେଲେ ପ୍ରେମିକକୁ ବେଳେବେଳେ ପରୀକ୍ଷା ଦେବାକୁ ପଡିଥାଏ। ଠିକ୍ ସେହିଭଳି ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରୀତି ବନ୍ଧନ'। ନେକ୍ସଟ୍ ଡୋର୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟି ଆସନ୍ତା ମାସରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ନିଛକ ଓଡ଼ିଆ ଘରର କାହାଣୀକୁ ନେଇ ଚିତ୍ରଟିକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଆମ ରାଜ୍ୟର କଳା, ସଂସ୍କୃତି ଓ ପରମ୍ପରାର ଝଲକ ରହିଛି। ପ୍ରଶାନ୍ତ କୁମାର ନାୟକ ଓ ନରେନ୍ଦ୍ର ପାତ୍ର ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅଭିନେତା-କମ୍-ନିର୍ଦ୍ଦେଶକ ରାଶେସ ମହାନ୍ତି (ସିଲୁ)। ସଙ୍ଗୀତ ଭାର ସମ୍ଭାଳିଛନ୍ତି ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସ୍ମୃତି ଆର୍ ଓ ସୁଧାକର ବସନ୍ତ। ସମ୍ବିତ, ତମନ୍ନା ଓ ତୃପ୍ତି, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ଭୂପତି ତ୍ରିପାଠୀ, କେଦାର ମିଶ୍ର, ଥିନ୍, ସର ଅପା, ଅଳକା, ପ୍ରଶାନ୍ତ ନାୟକ, ନୂପୁର ଓ ସସ୍ମିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟିର କ୍ରିଏଟିଭ ହେଡ ଏବଂ ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ।


'ପ୍ରୀତି ବନ୍ଧନ' ଚଳଚ୍ଚିତ୍ରରେ (ବାମରୁ) ତମନ୍ନା-ସମ୍ବିତ-ତୃପ୍ତି

ପ୍ରଥମ ରୋଜଗାର

# ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଇଁ ଭୋଗ କିଣିଥିଲି

ଓଡ଼ିଆ ସାହିତ୍ୟ, ସଂସ୍କୃତିର ଉପାସିକା **ସଞ୍ଜୁଶ୍ରୀ ନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଫୁଲପାଟଣା ଗ୍ରାମର ଏକ ଯୌଥ ପରିବାରରେ ମୋ ଜନ୍ମ। ବାପା ବୈଦ୍ୟନାଥ ନାୟକ ଯେହେତୁ ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ସିମେଣ୍ଟ କାରଖାନାରେ ଚାକିରି କରୁଥିଲେ, ତେଣୁ ମୋ ଶିକ୍ଷାଦୀକ୍ଷା ରାଜଗାଙ୍ଗପୁର ଓ ରାଉରକେଲାରେ ହୋଇଥିଲା। ଇତିହାସରେ ସ୍ନାତକୋତ୍ତର ପରେ ଲାଇବ୍ରେରି ସାଇନ୍ସ ପଢ଼ିଥିଲି। ତା'ପରେ ବି.ଇଡି. କଲି। ବି.ଇଡି. କରୁଥିବାବେଳେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଲାଇବ୍ରେରିଆନ (ଗ୍ରନ୍ଥାଗାରିକ) ପୋଷ୍ଟରେ ମୋତେ ନିଯୁକ୍ତି ମିଳିଲା। ସ୍ନାତକୋତ୍ତର ଶିକ୍ଷା ସରିଥିବାରୁ ଅନ୍ୟାନ୍ୟ ଚାକିରିର ସୁଯୋଗ ବି ଆସୁଥିଲା। କିନ୍ତୁ ପରିଚିତ ଜିଲା, ତା'ସାଙ୍ଗକୁ ପୁଣି ଏଜୁକେଶନ ଡିପାର୍ଟମେଣ୍ଟରେ ଚାକିରି ମିଳିଥିବାରୁ ଜେଜେମା' ମୋତେ ଏହି ଚାକିରି କରିବାକୁ ବାଧ୍ୟ କଲା। ତେଣୁ ୧୯୮୬ ମସିହା ମେ ୧୯ ତାରିଖରେ ମୁଁ ମୋ କର୍ମକ୍ଷେତ୍ର ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଯୋଗଦେଇଥିଲି। ମାସ ଶେଷକୁ ପ୍ରଥମ ପାରିଶ୍ରମିକ ଭାବେ ୧୩ଦିନ ବାବଦକୁ ଯେଉଁ ଦରମା ପାଇଥିଲି, ତା'ର ସ୍ମୃତି ଆଜି ବି ସତେଜ ହୋଇ ରହିଛି। ପ୍ରଥମ ଦରମା ଟଙ୍କାକୁ ହାତରେ ଧରି ସେଦିନ ପ୍ରଥମେ ରାଜଗାଙ୍ଗପୁର ବସଷ୍ଟାଣ୍ଡରେ ଓହ୍ଲାଇଥିଲି। ଦରମାକୁ କିପରି ଖର୍ଚ୍ଚ କରିବି ସେ ବିଷୟରେ ବହୁ ଚିନ୍ତାକରି ପ୍ରଥମେ କିଛି ଟଙ୍କାକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ନିକଟରେ ଭୋଗ କରିବା ପାଇଁ ଅଲଗା ରଖିଲି। ତା'ପରେ ରାଜଗାଙ୍ଗପୁରର ଏକ କପଡ଼ା ଦୋକାନରୁ ବାପାଙ୍କ ପାଇଁ ପ୍ୟାଣ୍ଟଶାର୍ଟ କପଡ଼ା, ଜେଜେମା' ଓ ଛୋଟ ଭଉଣୀମାନଙ୍କ ପାଇଁ କିଛି କିଛି ଜିନିଷ କିଣିବା ସହିତ ପାଣି ପିଇବା ଲାଗି ଏକ ଷ୍ଟିଲ ଲୋଟା କିଣିଥିଲି। ତଥାପି ଆହୁରି କିଛି ଟଙ୍କା ବଳିଥିଲା। ଘରେ ସମସ୍ତେ ସେଦିନ ବହୁତ ଖୁସି ହୋଇଥିଲେ। କିଛିଦିନ ପରେ ମୋର ବାହାଘର ହେଲା ରାଜଗାଙ୍ଗପୁର ସିମେଣ୍ଟ କାରଖାନାର ଫାଇନାନ୍ସ ଡିପାର୍ଟମେଣ୍ଟର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଅଶ୍ୱିନୀ ଡାଲମିଆଙ୍କ ସହିତ। ସମୟକ୍ରମେ ଦୁଇପୁତ୍ର ଓ ଏକ କନ୍ୟାର ଜନନୀ ହେଲି। ଆଜି ପିଲାମାନେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇସାରିଛନ୍ତି। ଚାକିରି କରୁଥିବାବେଳେ ରାଜଗାଙ୍ଗପୁର ଭଳି ଏକ ଅଣଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଓ ପ୍ରଚାରପ୍ରସାର ଦିଗରେ ଯେଉଁ ଉଦ୍ୟମ କରୁଥିଲି, ଚାକିରିରୁ ଅବସର ନେବା ପରେ ବି ସେହି କାର୍ଯ୍ୟସବୁକୁ ଜାରି ରଖିଛି। କେବଳ ସେତିକି ନୁହେଁ, ପ୍ରତିବର୍ଷ ରାଜଗାଙ୍ଗପୁର ଭଳି ଏକ ଉପାନ୍ତ ଶିଳ୍ପକେନ୍ଦ୍ରିକ ଅଞ୍ଚଳରେ ଓଡ଼ିଶାର ଏକ ମୁଖ୍ୟ ପର୍ବ କୁହାଯାଉଥିବା ରଜପର୍ବ ପାଳନ ଅବସରରେ ମହିଳାମାନଙ୍କୁ ଏକତ୍ରିତ କରି ନାଟକ ହେଉ କିମ୍ବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଆଧାରରେ ଭାଗବତ ତୁଙ୍ଗିର ପ୍ରଦର୍ଶନ କରିବା, ନୀଳମାଧବ ଶୀର୍ଷକକୁ ନେଇ ପ୍ରସ୍ତୁତ ନାଟକରେ ରାଜାର ଭୂମିକା ନିର୍ବାହ କରିବାର ଏ ଯେଉଁ ଉପାସନା ତାହା ଏବେ ବି ମୋର ଅବ୍ୟାହତ ରହିଛି, ଯେଉଁଥିପାଇଁ ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ବେଷ୍ଟ କଲଚରିଷ୍ଟ ଆୱାର୍ଡରେ ମଧ୍ୟ ମୁଁ ସମ୍ମାନିତ ହୋଇସାରିଛି।

-ଜୟନାରାୟଣ ମେଣ୍ଡୁଲି

# ସରୁଣି କଥା, ବୁଝୁଣି ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**-ସବୁବେଳେ ବସି ମୋ ପ୍ରେମିକା କଥା ଭାବୁଛି। ତା' ବିଷୟରେ ଭାବି ଭାବି କେତେବେଳେ ଦିନ ବିତି ରାତି ହେଉଛି ପୁଣି ରାତି ପାହି ଦିନ ହେଉଛି ଜାଣିପାରୁନି। କ'ଣ କରିବି ?

-ପ୍ରତାପ ଦାସ, ରେଢ଼ାଖୋଲ

**ଉତ୍ତର:** ପ୍ରେମ ଏଭଳି ଏକ ନିଶା, ଯାହା ଥରେ ଘାରିଲେ ଭଲ ମନ୍ଦ ଜଣାପଡ଼ି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। 'ସରୁଣି କଥା, ବୁଝୁଣି ମନ, ଭାବନାରେ ବିତି ଯାଉଛି ଦିନ।' ତେଣୁ ସେହି ଭାବନା ରାଇଜକୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡ଼ି ଦେଖି ମାଡ଼ିଯିବା କଥା।

**ପ୍ରଶ୍ନ**-ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

-ତନ୍ମୟ ରାଉତ, ପୁରୀ

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। 'ଲାଜୁଆ ଆଖିର ଭିତିରି କଥା ଘଡ଼ିକେ ଘୁରାଇ ଦିଏଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡ଼ିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୁରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**- ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

-ଦୀପେନ୍ କୁମାର, କେନ୍ଦୁଝର

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ, ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ବୁଡ଼ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**-ଜଣେ ସାଙ୍ଗ କଥାରେ ପଡ଼ି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

-ପ୍ରସନ୍ନ ନାୟକ, କଟକ

**ଉତ୍ତର:** କାହା ବୁଦ୍ଧିରେ ପଡ଼ି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡ଼ିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡ଼ି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ, ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !



# ନିଜ ଅଞ୍ଚଳ ପାଇଁ ପାଠାଗାର






ପୁସ୍ତକ ପଠନ ପ୍ରତି ସମସ୍ତେ କିପରି ଆଗ୍ରହୀ ହେବେ । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କ ଭାଷାର ସୁରକ୍ଷା ଉଦ୍ଦେଶ୍ୟରେ କିପରି ଜନସଚେତନତା ସୃଷ୍ଟି ହୋଇପାରିବ। ସେଥିପାଇଁ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକର ବିକାଶ ନଗରଠାରେ ଗଢ଼ିଉଠିଛି ଏକ ଅନୁଷ୍ଠାନ। ବିପିନ ବିହାରୀ ମହାନ୍ତି କୁହନ୍ତି, ‘୧୯୬୧ରେ ଆମ ଗାଁର କେତେଜଣ ସାଙ୍ଗ ଏକାଠି ହୋଇ ଜନପ୍ରିୟ ପାଠାଗାର, ନାରଗଦା ନାମରେ ଏକ ପାଠାଗାର ସ୍ଥାପନ କରିଥିଲୁ। ଏଥିପାଇଁ କେତେଜଣ ବ୍ୟକ୍ତିଙ୍କଠାରୁ ବିଭିନ୍ନ ବହି ମାଗି ଆଣି ପ୍ରାୟ ୫ଶହ ପୁସ୍ତକ ମହଜୁଦ ରଖିଥିଲୁ। ଏହି ପାଠାଗାର ଅନେକ ଦିନ ଭଲରେ ଚାଲିଲା । କିନ୍ତୁ ଯେତେବେଳେ ସାଙ୍ଗମାନେ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ଆସି ବିଭିନ୍ନ ସ୍ଥାନରେ ଚାକିରି କଲୁ, ପାଠାଗାରଟି ତତ୍ତ୍ୱାବଧାନ ଅଭାବରୁ କିଛିଦିନ ଧରି ବନ୍ଦ ହୋଇ ରହିଥିଲା। ୧୯୯୯ରେ ପ୍ରାୟ ୮ହଜାର ପୁସ୍ତକକୁ ସାଇତି ରଖି ପୁଣି ଏହି ପାଠାଗାରର ଉନ୍ନତି ପାଇଁ ପ୍ରଚେଷ୍ଟା ଜାରି ରଖିଲି। ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ବୁଲିଯିବା ସମୟରେ ଅନେକ ବଦାନ୍ୟବ୍ୟକ୍ତିଙ୍କଠାରୁ ନାନାପ୍ରକାର ପୁସ୍ତକ ସଂଗ୍ରହ କରିଥିଲି। ଏହି ପାଠାଗାରକୁ ଆସୁଥିବା ପିଲାମାନେ ମୋର ପରିଚୟ ଜାଣିବା ପରେ ୨୦୦୧, ଅଗଷ୍ଟ ୧୧ରୁ ପାଠାଗାରର ନାମ ବିପିନ ବିହାରୀ ପାଠାଗାର ରଖିଲେ। ଏହି ପାଠାଗାରଟି ଜଟଣୀ ବ୍ଲକଠାରୁ ମାତ୍ର ଶହେମିଟର ଦୂର ନାଇଜରର ପଶ୍ଚିମ ପଟକୁ ଲମ୍ବିଥିବା ଭୀମପୁର ରାସ୍ତାକଡ଼ରେ ଅବସ୍ଥିତ। ପାଠାଗାରଟି ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇସାରିଛି। ଆଉ ଓଡ଼ିଶା ପାଠାଗାର ମହାସଂଘରେ ଯୋଡ଼ି ହୋଇଛି। ଏଠାରେ ଥିବା ପ୍ରାୟ ୧ ଲକ୍ଷ ପୁସ୍ତକ ଛାତ୍ର ଛାତ୍ରୀ, ଶିକ୍ଷକ, ଅଧ୍ୟାପକ, ଗବେଷକ ଓ ସାହିତ୍ୟିକମାନଙ୍କୁ ସୃଜନଶୀଳତାର ସେବା ଯୋଗାଇ ଆସୁଛି। ପ୍ରାୟ ୫୦ ହଜାର ପୁସ୍ତକ ଓ ୩୦ହଜାର ବିଭିନ୍ନ ପତ୍ରପତ୍ରିକା ଏଠାରେ ସାଇତା ହୋଇରହିଛି। ପ୍ରତ୍ୟହ ସକାଳ ୭ଟାରୁ ୧୧ଟା ପୁଣି ଦିନ ୧ଟାରୁ ୩ଟା ଯାଏ ଏହା ଖୋଲା ରହେ । ବିଭିନ୍ନ ପ୍ରକାର ଭାଷାର ପୁସ୍ତକ ଏଠାରେ ରହିଛି। ସର୍ବୋପରି ନିମ୍ନସ୍ତରରୁ ପ୍ରଶାସନିକସ୍ତରୀୟଓ ଉଚ୍ଚପଦପଦବୀ ପାଇଁ ପରୀକ୍ଷାଦେବା ନିମନ୍ତେ ଅନେକ ପୁସ୍ତକ ପଢ଼ିବାର ସୁବିଧା ଏଠାରେ ରହିଛି। ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ଏହା ସହାୟକ ହୋଇପାରୁଛି। ପାଠାଗାର ତରଫରୁ ବିଭିନ୍ନ ସମୟରେ କବିତା ପାଠୋତ୍ସବ, ପ୍ରତିମାସ ଶେଷରେ ସାହିତ୍ୟ ଆସର ବି ହୋଇଥାଏ। ଓଡ଼ିଶାର ବିଭିନ୍ନ ଅଧିବାସୀଙ୍କ ଭାଷା ବିକାଶ ପାଇଁ କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଥାଏ ଏବଂ ମହାପୁରୁଷଙ୍କ ଜନ୍ମଦିନ ପାଳନ କରାଯାଇଥାଏ। ପ୍ରତିବର୍ଷ ପାଠାଗାରର ବାର୍ଷିକ ମୁଖପତ୍ର ଉତ୍ତ୍ରଜା ପ୍ରକାଶିତ ହୋଇଥାଏ। ଏଥିରେ ପରିଚାଳନା କମିଟିରେ ପ୍ରାୟ ୧୨ଜଣ ସଦସ୍ୟା ଓ ସଦସ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରେ ତ୍ରିଲୋଚନ ମହାପାତ୍ର, ଭିକାରୀ ଧଳ, ପ୍ରଭାତ କୁମାର ସାହୁ, ରବି ସ୍ୱାଇଁ, ରାଜେନ୍ଦ୍ର ନାୟକ, ରବୀନ୍ଦ୍ର ରାଉତରାୟ, ପ୍ରହ୍ଲାଦ ସ୍ୱାଇଁ, ରମାକାନ୍ତ ମିଶ୍ର, ଦେବଯାନୀ ରାଉତରାୟ, ସୁମିତାମୟୀ ସାହୁ, ଗୀତା ରଥ, ସୁକାନ୍ତ ମହାପାତ୍ର, ଜଗଦୀଶ ମହାପାତ୍ର, ସଂଯୁକ୍ତା ଷଡ଼ଙ୍ଗୀ, ରଶ୍ମିତା ନାୟକ ପ୍ରମୁଖ ପରିଚାଳନା କାର୍ଯ୍ୟ କରୁଛନ୍ତି।

**-ବନବିହାରୀ**

# ସବୁଜ ପୃଥିବୀ ଲାଗି ପ୍ରୟାସ

ଦିନକୁ ଦିନ ପୃଥିବୀରୁ ପ୍ରାକୃତିକ ଜଙ୍ଗଲ କ୍ଷୟ ହେଉଛି। ଏଥିଯୋଗୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ପରିବେଶଜନିତ ନାନା ସମସ୍ୟା ଲାଗି ପ୍ରାଣୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏମିତି ପରିସ୍ଥିତିରେ ପରିବେଶ ସୁରକ୍ଷା ପାଇଁ ଅଣ୍ଟାଭିଡ଼ିଛନ୍ତି ଜଣେ ଗୃହିଣୀ। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ କମାଲସିଂ ଗ୍ରାମର ଅମିତା ତରେଇ। ସେ କୁହନ୍ତି, ସ୍କୁଲ୍ ବୟସରୁ ବିଭିନ୍ନ ଚାରା ରୋପଣ କରିବା ମୋର ଅଭ୍ୟାସ ଥିଲା। ମୋ ବାପଘର କମାଲସିଂ ଓ ଶାଶୁଘର ଝାରକଟା । ଏହି ଗାଁର ସ୍କୁଲ ପରିସର, ମଠ, ଗ୍ରାମ୍ୟପାର୍କ ଓ ରାସ୍ତାକଡ଼ ଆଦି କେତେକ ସ୍ଥାନରେ ବର୍ଷାଦିନେ ନିମ୍ବ, ବେଲ, ଅଁଳା, ହରିଡ଼ା, ବାହାଡ଼ା, ଅର୍ଜୁନ, କଦମ, ବାଦାମ, ଆମ୍ବ, ଲେମ୍ବୁ, ପଣସ, ବଉଳକୋଳି ଆଦି ଗଛ ଲଗାଇଥିଲି। ୨୦୧୯ ମସିହାରେ ଆମ ଅଞ୍ଚଳରେ ଗଠନ ହୋଇଥିବା ଗ୍ରୀନ୍ ପାରିକୁଦ ସଂଗଠନରେ ବି ଯୋଗଦେଇଥିଲି। ସେବେଠାରୁ ପ୍ରତିଦିନ ଦୁଇଘଣ୍ଟା ସମୟ ଦେଇ ଲଗାଇଥିବା ବୃକ୍ଷର ଯତ୍ନ ପାଇଁ କିଛି କିଛି ପରିଶ୍ରମ କରୁଛି। ଗତ ୫ ବର୍ଷ ଭିତରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନରେ ମିଶି ବହୁ ସଂଖ୍ୟକ ବିଭିନ୍ନ ପ୍ରକାରର ବୃକ୍ଷ ଏବଂ ୨୫ ହଜାର ତାଳଗୋଟମା ପୋତିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷେ କାହାରି ଜନ୍ମଦିନ, ବିବାହ ବାର୍ଷିକୀ, ଶ୍ରାଦ୍ଧ ଉତ୍ସବ, ବିଭିନ୍ନ ପର୍ବପର୍ବାଣି, ମହାପୁରୁଷଙ୍କ ଜନ୍ମଦିବସ ଅବସରରେ ବି ବୃକ୍ଷ ରୋପଣ କରିବା ପାଇଁ ଲୋକମାନଙ୍କୁ କହିଥାଏ। ଏକାଧିକଥର ମାଗଣା ରକ୍ତଦାନ ଶିବିରେ ଯୋଗଦେଇ ରକ୍ତ ଦାନ ମଧ୍ୟ କରିଛି। ଆମ ବ୍ଲକ ମିଶନ ଶକ୍ତିରେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛି। ଏଭଳି ପରିବେଶ ସୁରକ୍ଷା ଏବଂ ସାମାଜିକ କାର୍ଯ୍ୟ ପାଇଁ ସବୁଜ ବାହିନୀ ବ୍ରହ୍ମପୁର, ଶୁଭଚିନ୍ତକ ଟ୍ରଷ୍ଟ ବ୍ରହ୍ମପୁରରୁ କର୍ମବୀର ସମ୍ମାନ, ବିପଦର ବନ୍ଧୁ ଓଡ଼ଶା ତରଫରୁ ବିପଦରବନ୍ଧୁ ସମ୍ମାନ, କ୍ରିଷ୍ଣାଫାଉଣ୍ଡେସନ କଟକରୁ କୃଷିମିତ୍ର, ଭାରତ ବିକାଶ ଅଭିଯାନ ତରଫରୁ ସମ୍ମାନ, ଆଶାର ଆଲୋକ ସଂସ୍ଥା ବାଲେଶ୍ୱରରୁ ସେବା ସମ୍ମାନ, ସୃଜନୀ ସାତପଡ଼ାରୁ ସୃଜନୀ ସମ୍ମାନ, କୃଷ୍ଣ ପ୍ରସାଦ ବ୍ଲକ ତରଫରୁ ମିଶନଶକ୍ତି କାର୍ଯ୍ୟ ପାଇଁ ସମ୍ମାନିତ ଓ ପ୍ରଶଂସିତ ହୋଇପାରିଛି। ଏଥିରେ ମୋତେ ମାନସିକ ଶାନ୍ତି ମିଳିପାରୁଛ।

**-କୈଳାସ ପଟ୍ଟନାୟକ**















ପ୍ରିୟା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ-ଏଲିଗେଣ୍ଟ ଫଟୋଗ୍ରାଫୀ (ଓଡ଼ିଶା ଫ୍ୟାଶନ ଭିଲ୍ଲା)**

# ହାଃ ହାଃ

### କଇଁଚି

ସୋନୁ : ମାମା ମୁଁ କଇଁଚି ପାଉନି। ତମେ ଟିକେ ତମ ଜିଭରେ ଏଇ ସୂତାଟା କାଟିଦେଲ।

ମାମା: ମୂର୍ଖ, ଜିଭରେ କେମିତି କାଟିବି?

ସୋନୁ: ବାପା ତ କାଲି କହୁଥିଲେ ତୋ ମାମାର ଜିଭ କଇଁଚି ଭଳି ଚାଲୁଛି। ପ୍ଲିଜ୍ କାଟିଦିଅ ନା।

### ମୁଣ୍ଡ ଖରାପ

ଶିକ୍ଷକ ରାଗିକି ଗୋପୀକୁ: ତୁ ମୋ ମୁଣ୍ଡ ଖରାପ କରି ସାରିଲୁଣି। କାଲି ଯେମିତି ବି ହେଉ ତୋ ବାପାଙ୍କ ସହ ଦେଖା କରିବି।

ଗୋପୀ: ମୋ ବାପାଙ୍କ ସହ କାହିଁକି ଦେଖା କରିବେ, ମୋ ଦାଦାଙ୍କୁ ଦେଖା କରନ୍ତୁ।

ଶିକ୍ଷକ : କାହିଁକି? ତୋ ବାପା ଘରେ ନାହାନ୍ତି କି?

ଗୋପୀ: ନା। ମୋ ଦାଦା ଡାକ୍ତର, ବାପା ନୁହେଁ।

### ଗଧ

ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତା ଏକ ଗଧ ସାମ୍ନାରେ ବାଲ୍ଟିଏ ପାଣି ଓ ଏକ ବୋତଲ ମଦ ରଖିଲେ। ଗଧଟି ବାଲ୍ଟିର ପାଣି ପିଇଲା। ମଦକୁ ଛୁଇଁଲା ନାହିଁ। ଏହାପରେ କର୍ମକର୍ତ୍ତା ନିଶା ଛଡାଇବାକୁ ଆସିଥିବା ବ୍ୟକ୍ତିଙ୍କୁ: ଏଥିରୁ କ'ଣ ବୁଝିଲ?

ନିଶା ଛଡାଇବାକୁ ଆସିଥିବା ବ୍ୟକ୍ତି: ଏଥିରୁ ଜଣାପଡିଲା ଯେ, ଯିଏ ମଦ ନ ପିଅନ୍ତି ସେ ଗଧ।

## ପର୍ଯ୍ୟଟନର ସହର

# ସମ୍ବଲପୁର

*ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ତ ଅନେକ ଦର୍ଶନୀୟ ସ୍ଥାନ ରହିଛି, ହେଲେ ତନ୍ମଧ୍ୟରୁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ଚିପିଲିମାର ମା' ଘଣ୍ଟେଶ୍ୱରୀ ଓ ହୀରାକୁଦ ଜଳଭଣ୍ଡାରର ରହିଛି କିଛି ଭିନ୍ନ ଆକର୍ଷଣ...*





**ମା'** ସମଲେଶ୍ୱରୀ ପୀଠଟି ସମ୍ବଲପୁର ସିଟି ଷ୍ଟେଶନରୁ ମାତ୍ର ୮ କି.ମି ଦୂରରେ କ୍ଷେତରାଜପୁରଠାରେ ଅବସ୍ଥିତ। ସାରା ବିଶ୍ୱରେ ଏହି ମନ୍ଦିରଟି ତା'ର ଐତିହ୍ୟ, ପରମ୍ପରା ଏବଂ ପୌରାଣିକ ବିଶେଷତ୍ୱ କାରଣରୁ ପ୍ରସିଦ୍ଧ। ମା' ସମଲେଶ୍ୱରୀ ଏଠାରେ ମହାଲକ୍ଷ୍ମୀ, ମହାସରସ୍ୱତୀ ଏବଂ ମହାକାଳୀ ରୂପରେ ଅବତୀର୍ଣ୍ଣା। ଏହି ସୁନ୍ଦର ମନ୍ଦିରଟି ସେ ସମୟରେ ବାଲି ଓ ଚୂନରେ ତିଆରି ହୋଇଥିଲେ ମଧ୍ୟ ଏହା ଗ୍ରାନାଇଟ୍ ଭଳି ଶକ୍ତ। ମୁଖ୍ୟଦ୍ୱାରଠାରୁ ଅଳ୍ପ ଦୂରରେ ରହିଛି ବିରାଟ ଏକ ଦୀପ ଖୁଣ୍ଟ। ତା'ପରେ ସିଂହଦ୍ୱାର, ଜଗମୋହନରେ ବାରଟି ସଶକ୍ତ ସ୍ତମ୍ଭ ଉପରେ ନିର୍ମିତ ଏହାର ପରିକ୍ରମାପଥ ଏବଂ ଚାରି ପାହାଚ ତଳକୁ ଦେବୀଙ୍କର ଆସ୍ଥାନ। ମା'ଙ୍କର ମୂର୍ତ୍ତିଟି କଳା ମୁଗୁନିପଥରରେ ଖୋଦେଇ ଏବଂ ଏହାର ମୁଖଟି ସାମାନ୍ୟ ଲମ୍ବ ହୋଇ ଆଗକୁ ବଢ଼ିଛି ହାତୀର ଶୁଣ୍ଢ ସଦୃଶ। ଦୁଇ ପଟରେ ଦୁଇଟି ସୁନାର ଆଖି, ସାରା ମୁଖ ମଣ୍ଡଳ ସିନ୍ଦୂରରେ ଆବୃତ୍ତ। ମଥାରେ ସୁନା ମୁକୁଟ, ନାକରେ ସ୍ୱର୍ଣ୍ଣ ଆଭୂଷଣ, ଗଳାରେ ରତ୍ନହାର ମଣ୍ଡିତ। ଆସ୍ଥାନର ବାହାର ପଟକୁ ୧୧ଜଣ ପାର୍ଶ୍ୱ ଦେବୀ ରହିଛନ୍ତି। ବିଶେଷ ଦିନମାନଙ୍କରେ ଏଠାରେ ବିଶେଷ ପୂଜା ହୋଇଥାଏ। ଶାରଦୀୟ ଦୁର୍ଗାପୂଜା ଅବସରରେ ଷୋଡଶ ଉପଚାରରେ ନବରାତ୍ରି ପୂଜା ସହିତ ମା' ସମଲେଶ୍ୱରୀଙ୍କର ଧବଳମୁଖୀ ବେଶ ହୋଇଥାଏ। ଏଠାକାର ଆଉ ଏକ ମୁଖ୍ୟ ପର୍ବ ହେଉଛି ନୂଆଁଖାଇ। ଭାଦ୍ରବ ମାସରେ ଏହି ପୂଜାରେ ଧାନ ଅମଳ ପରେ ପ୍ରଥମେ ମା' ସମଲେଶ୍ୱରୀଙ୍କୁ ନବାନ୍ନ ଅର୍ପଣ କରାଯିବା ପରେ ହିଁ ଅନ୍ୟମାନେ ନବାନ୍ନ ଗ୍ରହଣ କରିଥାନ୍ତି। ଏହି ସମୟରେ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ।

ସମ୍ବଲପୁରର ସଦର ମହକୁମାରୁ ୬ନଂ ଜାତୀୟ ରାଜପଥରେ ଦକ୍ଷିଣ ପଶ୍ଚିମ ଦିଗରେ ଗଲେ ମାତ୍ର ତିରିଶି କିଲୋମିଟର ଦୂରରେ ରହିଛି **ଚିପିଲିମା ଜଳଭଣ୍ଡାର**। ସେଠାରେ ପାହାଡରୁ ବହି ଆସୁଥିବା ମହାନଦୀର ଜଳଧାରକୁ ଧରି ରଖି ଜଳବିଦ୍ୟୁତ ଉତ୍ପାଦନ କରାଯାଉଛି। ସେଇଠି ପାହାଡ ତଳକୁ ରହିଛି ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିର। ବିରାଟ ବଡ ବରଗଛ ତଳେ ପଥର ଉପରେ ମା'ଙ୍କର ଆସ୍ଥାନ। ହଜାର ହଜାର ସଂଖ୍ୟାରେ ପିତ୍ତଳର ଘଣ୍ଟି ବନ୍ଧା ହୋଇଛି ସେ ପୀଠର ଚତୁର୍ଦ୍ଦିଗରେ। ବୋଧହୁଏ ସେଇଥିପାଇଁ ଦେବୀଙ୍କର ନାମ ମା' ଘଣ୍ଟେଶ୍ୱରୀ। ଆଉ ମଧ୍ୟ ଲୋକକଥା ଶୁଣାଯାଏ, ପୂର୍ବରୁ ଯେତେବେଳେ ଉତ୍କଳୀୟ ନୌବାଣିଜ୍ୟରେ ମହାନଦୀର ମୁଖ୍ୟସ୍ଥାନ ରହିଥିଲା, ଏଇ ବାଟ ଦେଇ ସାଧବମାନେ ବୋଇତରେ ଯିବାବେଳେ ନିଜେ ମା' ଘଣ୍ଟେଶ୍ୱରୀ ଏହି ପାହାଡ ଉପରେ ଘଣ୍ଟା ବଜାଇ ସାଧବମାନଙ୍କୁ ପାହାଡ ପାଖକୁ ନଯିବା ଲାଗି ସତର୍କ କରାଇ ଦେଉଥିଲେ ଯେ, ଏଠି ଗଣ୍ଡ ଅଛି, ଆସ ନାହିଁ। ମା' ଏଠାରେ ଅନ୍ଧାର ଭିତରେ ବିନା ବତୀର ବତୀଘର ସଦୃଶ ଥିଲେ। ପୂର୍ବରୁ ଅଗମ୍ୟ ପ୍ରାୟ ଥିବା ଏହି ସ୍ଥାନଟି ସୁଗମ୍ୟ ହୋଇପାରିଛି ରାଜ୍ୟ ସରକାରଙ୍କ ଦ୍ୱାରା ମୁଣ୍ଡ ଘାଟରେ ତିଆରି ହୋଇଥିବା ଚଉରପୁର ବ୍ରିଜ୍ ଯୋଗୁଁ। ପାହାଡ ଜଙ୍ଗଲ ନଦୀ ମଝିରେ ବଣଭୋଜି ପାଇଁ ଏହା ଗୋଟିଏ ସୁନ୍ଦର ସ୍ଥାନ। ଚିପିଲିମା ରିଜର୍ଭୟର୍ ବାଟ ଦେଇ ଯିବାକୁ ପଡେ ସେଠାକୁ। ନଦୀର ଛାତି ଉପରେ ଠିକ୍ ରିଜର୍ଭୟର୍‌ର ଗେଟ୍ ଉପର ଦେଇ ଲୁହା ରେଲିଂ ଦିଆ ଅଙ୍କାବଙ୍କା ପାଦ ଚଲା ରାସ୍ତା ଲମ୍ବି ଯାଇଛି ନଦୀର ଏ କୂଳରୁ ମାଆଙ୍କର ଆସ୍ଥାନ ଯାଏଁ। ଏବେ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ସେଠାରେ ମାଆଙ୍କର ମାର୍ବଲ୍ ଛାଉଣି ହୋଇଥିବା ଛୋଟ ମନ୍ଦିରଟିଏ ତିଆରି ହୋଇଛି। ତା'କୁ ଲାଗି ଭୋଜିଭାତ କରିବା ପାଇଁ ପିଣ୍ଡି, ବସାଉଠା କରିବା ପାଇଁ ମଣ୍ଡପ ଇତ୍ୟାଦି ତିଆରି ହୋଇଛି। ମାନସିକ କରି ଭକ୍ତମାନେ ସେଠାରେ ବାନ୍ଧିଥିବା ଅସଂଖ୍ୟ ଘଣ୍ଟି ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। କୁହାଯାଏ, ଏଠାକୁ ଆସୁଥିବା ଭକ୍ତ ମାନସିକ ରଖି ଘଣ୍ଟିଟିଏ ବାନ୍ଧି ଦେଇ ଗଲେ ସେମାନଙ୍କ ମନସ୍କାମନା କୁଆଡ଼େ ପୂରଣ ହୋଇଥାଏ।





ସମ୍ବଲପୁର ସହରର ଉତ୍ତର ଦିଗରେ ରହିଛି **ହୀରାକୁଦ ବନ୍ଧ**। ମହାନଦୀର ଦୁଇପାର୍ଶ୍ୱରେ ଥିବା ଦୁଇଟି ପାହାଡ (ଲକ୍ଷ୍ମୀ ଡୁଙ୍ଗୁରୀ ଏବଂ ଚାନ୍ଦିଲି ଡୁଙ୍ଗୁରୀ)କୁ ସଂଯୋଗ କରୁଥିବା ଏହି ବନ୍ଧଟି ଦ୍ୱାରା ସୃଷ୍ଟି ହୋଇଛି ଏକ ବିଶାଳ ଜଳଭଣ୍ଡାର। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସୁନ୍ଦର ପ୍ରକଳ୍ପଟି ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ସେହି ବୃହତ୍ ଜଳଭଣ୍ଡାରର ଦୁଇ ପଟରେ ରହିଛି ଦୁଇଟି ସୁଉଚ୍ଚ ମୀନାର ଯଥା: ନେହେରୁ ମିନାର ଏବଂ ଗାନ୍ଧୀ ମିନାର। ଗାନ୍ଧୀ ମିନାରଟିର ଉଚ୍ଚତା ପ୍ରାୟ ୬୫ ଫୁଟ୍‌ରୁ ଅଧିକ ହେବ ; ଯାହା ଉପରେ ଚଢି ପର୍ଯ୍ୟଟକ ହୀରାକୁଦ ବନ୍ଧ, ବାରପାହାଡ ପର୍ବତମାଳା, ହ୍ରଦ ଓ ତତ୍‌ସଂଲଗ୍ନ ସ୍ଥାନଗୁଡ଼ିକର ପ୍ରାକୃତିକ ଶୋଭା ଦର୍ଶନ କରି ଆନନ୍ଦ ଲାଭ କରିଥାନ୍ତି। ଏବେ ସରକାରଙ୍କ ତରଫରୁ ପିଲାଙ୍କ ଖେଳିବା ପାଇଁ ସେଠାରେ ପାର୍କ୍, ଫୁଲଗଛ, ଜଳ ଫୁଆରା, ରୋପ୍ ୱେରେ ନଦୀ ଏପଟରୁ ସେପଟକୁ ଯାଇ ମଜା ନେବାର ବ୍ୟବସ୍ଥା କରାଯାଇଛି। ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ହୋଟେଲ୍ ବି ରହିଛି। ଏହାର ନିକଟତମ ରେଳଷ୍ଟେଶନ ହେଉଛି ସମ୍ବଲପୁର ସିଟି ଷ୍ଟେଶନ୍ ଏବଂ ଆନ୍ତଃରାଜ୍ୟ ବସ୍ ସେବାର ସମସ୍ତ ବସ୍ ମଧ୍ୟ ଏଠାକୁ ଯାତାୟାତ କରିଥାଏ। ସେଥିପାଇଁ ସବୁ ଋତୁରେ ଏଠାରେ ପର୍ଯ୍ୟଟକଙ୍କର ଭିଡ ଲାଗି ରହିଥାଏ।

**-ସୁଷମା ପରିଜା,**
*ଶାରଳା ଭବନ, ନୂଆବଜାର, କଟକ*
*ମୋ: ୯୩୩୭୨୭୨୬୪୭*





# କଥା ସେଫ୍ଟି ପିନ୍‌ର





**ସେଫ୍ଟି ପିନ୍ ଏକ ଛୋଟିଆ ଜିନିଷ। ହେଲେ ବେଶ୍ ଜରୁରୀ। ତେବେ ଏହାକୁ କିଏ, କେଉଁ ପରିସ୍ଥିତିରେ ତିଆରି କରିଥିଲେ ଏବଂ ଏହାର ନାମକରଣ କେମିତି ହେଲା ସେ ସମ୍ପର୍କରେ ଜାଣନ୍ତି କି?**

**ଆ**ମେରିକୀୟ ମେକାନିକ୍ ୱାଲ୍ଟର ହଣ୍ଟ ହେଉଛନ୍ତି ସେଫ୍ଟି ପିନ୍‌ର ଉଦ୍ଭାବକ। ୱାଲ୍ଟର ହଣ୍ଟ ଛୋଟ ଛୋଟ କିନ୍ତୁ ଅତି ଆବଶ୍ୟକୀୟ ଜିନିଷର ଉଦ୍ଭାବକଭାବେ ବେଶ୍ ପରିଚିତ। କୁହାଯାଏ ଥରେ ୱାଲ୍ଟର ହଣ୍ଟ ଅନେକ କରଜରେ ବୁଡି ରହିଥିଲେ।

ସେଇ କରଜକୁ ପରିଶୋଧ କରିବା ଲାଗି ସେ ଅନେକ ଉଦ୍ଭାବନ କରିଥିଲେ। ଆଉ ତା' ମଧ୍ୟରେ ସେଫ୍ଟି ପିନ୍ ଥିଲା ଅନ୍ୟତମ। ଏହାକୁ ତିଆରି କରିବା ପରେ ସେ ଯେବେ ଅନୁଭବ କଲେ ଯେ, ଏହା ବହୁତ ଆବଶ୍ୟକୀୟ ଜିନିଷ ତାକୁ ପେଟେଣ୍ଟ କରାଇଲେ। କିନ୍ତୁ ପରେ କରଜ ଶୁଝିବା ଲାଗି ତାକୁ ବିକ୍ରି ବି କରିଦେଲେ। ଯେଉଁଥିପାଇଁ ସେ ୪୦୦ ଡଲାର ପାଇଥିଲେ।

**ଉଦ୍ଭାବନ ପଛର କଥା:** କୁହାଯାଏ ୱାଲ୍ଟର ହଣ୍ଟଙ୍କ ପତ୍ନୀଙ୍କ ଡ୍ରେସ୍‌ର ବଟନ୍ ଛିଣ୍ଡି ଥରେ ଯାଇଥିଲା। ସେତେବେଳେ ୱାଲ୍ଟର ଛୋଟିଆ ତାରଖଣ୍ଡେକୁ ମୋଡି ଏକ ଯୋଗାଡ କରିଥିଲେ, ଯାହାକି ବଟନ୍ ପରି କାମ କରିଥିଲା। ପରେ ସେ ସେହି ତାରରେ ଅଧିକ ଗବେଷଣା କରି ହାତ ଯେମିତି ଫୋଡି ନ ହୁଏ ସେଭଳି ଏକ ଡିଜାଇନ୍ କରି ଏହି ସେଫ୍ଟି ପିନକୁ ତିଆରି କଲେ। ସେତେବେଳେ ଏହାକୁ 'ଡ୍ରେସ୍ ପିନ୍' କୁହାଯାଉଥିଲା। ସମୟ ବଦଳିଲା। ହେଲେ ଏହାର ଆବଶ୍ୟକତା କମିଲା ନାହିଁ। ଏହା ଆଙ୍ଗୁଠିକୁ ସୁରକ୍ଷା ପ୍ରଦାନ କରୁଥିବାରୁ ପରେ ଏହାକୁ 'ସେଫ୍ଟି ପିନ୍' କୁହାଗଲା। ଏବେ ବି ଏହାର ମୁଖ୍ୟ କାମ ଡ୍ରେସ୍ ପିନ୍ କରିବା ଅଟେ। ଶାଢି, ସାଲୱାର ସହ ଅନ୍ୟ ମଡର୍ଣ୍ଣ ଡ୍ରେସ୍‌ରେ ବି ଏହାକୁ ବ୍ୟବହାର କରାଯାଉଛି। ଏହାର ଉପଯୋଗିତା କମି ନ ଥିବାରୁ ଆଜିବି କୌଣସି କମ୍ପାନୀ ଏହାର ଡିଜାଇନ୍‌ରେ କିଛି ପରିବର୍ତ୍ତନ କରି ନାହାନ୍ତି। କେବଳ କିଛି କମ୍ପାନୀ ଶାଢୀ, ଡ୍ରେସ୍ ସହ ମ୍ୟାଚ୍ କଲାଭଳି କଲରଫୁଲ ସେଫ୍ଟି ପିନ୍ ତିଆରି କରୁଛନ୍ତି। ତା'ମାନେ ନୁହେଁ ଯେ, ଷ୍ଟିଲ୍ ସେଫ୍ଟି ପିନ୍‌ର ଚାହିଦା କମିଛି। ଏହାର ଚାହିଦା ଏବେବି ବେଶ୍ ଅଛି।







# ବୃଦ୍ଧାଙ୍କ ଦାଢି

**ଲ**ମ୍ବା ଦାଢି ରଖିବା ଆଜିକାଲି ପୁରୁଷମାନଙ୍କର ଫ୍ୟାଶନ ପାଲଟିଛି। କିଏ ଲମ୍ବା ତ କିଏ ଛୋଟ ଦାଢି ବେଶ୍ ସାଇଜ୍‌ରେ ରଖୁଛନ୍ତି। ହେଲେ କେବେ ମହିଳା ଦାଢି ରଖୁଥିବା କଥା ଜାଣିଛନ୍ତି? ଆମେରିକା, ଓକ୍ଲୋହାମାସ୍ଥ ଲ'ଟନ୍‌ରେ ରହୁଥିବା ଜଣେ ବୃଦ୍ଧା ଦାଢି ରଖି ଏବେ ଚର୍ଚ୍ଚାରେ ଅଛନ୍ତି। ପୁରୁଷଙ୍କ ପରି ସେ ବେଶ୍ ଲମ୍ବା ଦାଢି ରଖିଛନ୍ତି। ଆଉ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ଲମ୍ବା ଦାଢି ଥିବା ବୃଦ୍ଧା ଭାବେ ରେକର୍ଡର



ଅଧିକାରୀ ବି ହୋଇପାରିଛନ୍ତି। ୭୪ ବର୍ଷୀୟା ଏହି ବୃଦ୍ଧାଙ୍କ ନାମ ହେଉଛି ଭିଭିଆନ୍ ହ୍ୱିଲର୍। ୩ ସନ୍ତାନର ମା' ସହ ଜେଜେମା' ହୋଇ ସାରିଥିବା ଭିଭିଆନ୍‌ଙ୍କ ଦାଢିର ଲମ୍ବ ହେଉଛି ୧୦ ଇଞ୍ଚ। ଡେଲି ଷ୍ଟାର ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ ଭିଭିଆନ ଖୁସିରେ ଦାଢି ରଖି ନାହାନ୍ତି। ବରଂ ସେ ହର୍ମାଫ୍ରୋଡାଇଟିଜମ୍ ନାମକ ଏକ ରୋଗରେ ଆକ୍ରାନ୍ତ। ଏଥିରେ ଆକ୍ରାନ୍ତ ବ୍ୟକ୍ତି ଅଧା ପୁରୁଷ ଓ ଅଧା ନାରୀ ହୋଇଥାନ୍ତି। ତା'ସହ ଜନ୍ମରୁ ସେ ହାଇପର୍‌ଟ୍ରାଏକୋସିସ୍(ୱେରୱଲ୍ଫ ସିଣ୍ଡ୍ରୋମ୍)ରେ ଆକ୍ରାନ୍ତ। ତେଣୁ ୫ ବର୍ଷ ବୟସରୁ ହିଁ ତାଙ୍କ ମୁଣ୍ଡର କେଶ ସହ ନିଶ ଦାଢି ବି ବଢୁଥିଲା। ଝିଅର ଏଭଳି ସ୍ଥିତିରେ ତାଙ୍କ ବାପା ମର୍ମାହତ ହେଇ ତାଙ୍କୁ ସର୍କସରେ ଛାଡି ଦେଇଥିଲେ। ମାସିକ ୮୧ ହଜାର ରୋଜଗାର କରି ସେ ପରିବାର ଚଳାଉଥିଲେ। ସର୍କସରୁ ଘରକୁ ଆସିଲେ ତାଙ୍କ ବାପା ଜବରଦସ୍ତୀ ତାଙ୍କ ଦାଢି କାଟି ଦେଉଥିଲେ। ଯେମିତିକି ତାଙ୍କୁ ଲାଜ ଲାଗିବନି ଓ ସେ ଅନ୍ୟ ଲୋକଙ୍କ ସହ ମିଶିପାରିବେ। ଏମିତିରେ ଜୀବନ ଚାଲିଥାଏ। ଚାରିଥରର ଅସଫଳ ବିବାହ ଓ ମା'ଙ୍କ ଦେହାନ୍ତ ପରେ, ଶେଷରେ ୧୯୯୩ ପରଠାରୁ ସେ ଦାଢି ଶେଭିଂ ହେବା ବନ୍ଦ କରିଦେଲେ। ଆଉ ଦାଢିକୁ ଶରୀରର ଏକ ଅଂଶ ଭାବି ବଢାଇବାକୁ ଲାଗିଲେ। ଏବେ ସେ ନିଜ ଦାଢିକୁ ନେଇ ବେଶ୍ ଖୁସି ଅଛନ୍ତି।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ମଝିମଝିକିଆ

ମହାନୁଭବ କହିଲେ ଦେଶ ଧର୍ମ ସଙ୍କଟରେ ଥିଲା ବେଳେ ଏମାନଙ୍କୁ ଆଳୁ ପିଆଜ ଚିନ୍ତା ଘାରିଛି। କିଏ କହୁଛି, ମସଜିଦ ତଳୁ ଠାକୁର ବହାରିଲେଣି। ଦେଶ ବିପଦରେ। କିଏ କହିଲେଣି, ଅନ୍ୟ ଧର୍ମର ଲୋକ ଆମ ଲୋକଙ୍କୁ ଭୁତେଇ ତାଙ୍କ ଆଡକୁ ଟାଣିନେଲେଣି। ଏବେ ଧର୍ମ ସଙ୍କଟରେ। କିଏ କହୁଛି, ଗ୍ରହଣରେ ଆମିଷ ଖାଇଲେ। ପରମ୍ପରା ସଂସ୍କୃତି ବିପର୍ଯ୍ୟସ୍ତ। ଧର୍ମ, ସଂସ୍କୃତି, ଠାକୁର ବିପଦରେ ଓ ଦେଶ ବାହ୍ୟ ଶକ୍ତି କବଳରେ ଥିବା ସମୟରେ ଦରଦାମ ବୃଦ୍ଧି କଥା କହିବା ପାପ, ଦେଶଦ୍ରୋହର କଥା । ଆଜ୍ଞା ଆମେ ଏ ବଡ଼ ବଡ଼ କଥା କାହୁଁ ବୁଝିବୁ ! ଦିନଯାକର ଖଟଣିରେ ଯେତିକି ରୋଜଗାର ସେତିକିରେ ପରିବା ବ୍ୟାଗ ପୂରା ହଉନି । ଏ ବଡ଼ ବଡ଼ିଆଙ୍କ ରାମ-ରହିମ୍ କଥା ମୁଣ୍ଡରେ ପଶୁନି । ନିଇତି ଭଙ୍ଗା ଚାଲିଛି ନିଇତି ଗଢ଼ା ଚାଲିଛି । ଏ ଭଙ୍ଗା ଗଢ଼ା ଭିତରେ ବିଚରା ଆମ ଭଳି ଖଟିଖିଆ ଲୋକ ପେଶୀ ହେଇଯାଉଛନ୍ତି । କରୋନା ତ ମେରୁହାଡ଼ ଭାଙ୍ଗିଦେଇଥିଲା । ଯାହା ଘୋଷାରି ଘୋଷାରି ଜୀବନ ଟାଣୁଥିଲୁ ଏବେ କାମଧନ୍ଦା ନଥିବାକୁ ଆକାଶଛୁଆଁ ଦରଦାମ ମଣିଷକୁ କତରା ଲଗେଇ ଦେଲା । ଆଉ ଶକ୍ତି ନାହିଁ । ଆଖିକୁ ଭବିଷ୍ୟତ ଦୃଶ୍ୟ ହେଉନି। କିଏ ଜାଣେ ଆଗକୁ ଆମ ପାଇଁ ଆଉ କ'ଣ ଲେଖା ଅଛି । ବାଞ୍ଝ କି ଜାଣିବ ବେଇଲା ଦୁଃଖ ? ଖାଇ ପିଇ ପେଟ ପୂରା ଥିଲେ ସିନା ଲୋକ ମନ୍ଦିର ମସଜିଦ ଦେଶ ବିଦେଶ କଥା ଚିନ୍ତା କରିବ । ଏଠି ଚୁଲି ଚିନ୍ତା କରୁ କରୁ ଦେହ ବେମାର ଚିନ୍ତା ହାମି ହେଇଗଲାଣି । ପାର୍କରେ ପଡିଥିବା ପିଲାଙ୍କ ଉଠା ପକା ଖେଳ ଭଳିଆ ଏପଟ ପଡ଼ିଲାବେଳକୁ ସେପଟ ଉଠିଗଲାଣି। ଆମ ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ। ଆମର ଖାଲି ଚିନ୍ତା, କେତେ ଆଣିଥିଲି କେତେ ଗଲା। ଏ ମାସରେ କୋଉଟା କାଟିବି ଆର ମାସରେ କୋଉଟାକୁ ଯୋଡ଼ିବି। ମଧ୍ୟବିତ୍ତ ଲୋକ ତ ଜୀବନ ଯାକ ଖାଲି କାଣ୍ଟ ଛାଣ୍ଟ ଭିତରେ ଜିଉଁଛି । ନିତି ଅତଡା ଖସୁଥିବା ଜୀବନର କୋଉ କୂଳ କିନାରା ଥାଏ ଯେ ! ଆମେ ହେଲୁ ମଧ୍ୟବିତ୍ତ । ଆମେ ନା ବିପିଏଲରେ ଯାଉଛୁ ନା ଏପିଏଲରେ ଯାଉଛୁ । କଥାରେ ଅଛି ବଡ଼ ବାପର ସାନ ମାଆର ମଝିଆଁ ନୁହେଁ କାହାର। ସେମିତି ଦେଶର ସବୁ ଯୋଜନା ଗରିବଙ୍କ ପାଇଁ ନଚେତ ଧନୀଙ୍କ ପାଇଁ । ମଧ୍ୟଙ୍କ ପାଇଁ କିଛି ନଥାଏ । କୁହାଯାଏ ସିନା ମଧ୍ୟବିତ୍ତ କିନ୍ତୁ ପାଖରେ ବିତ୍ତ ନଥାଏ। ଥାଏ କେବଳ ସ୍ୱପ୍ନ । ବଜାରିବାଦର ସବୁଠୁ ବଡ଼ ଉପଭୋକ୍ତା ହେଲେ ଏଇ ମଧ୍ୟବିତ୍ତ । କାର କମ୍ପାନୀ ଏମାନଙ୍କୁ ସାଇକେଲରୁ କାର ଚଢିବାର ସ୍ୱପ୍ନ ଦେଖାନ୍ତି, ବିଲଡର ଏମାନଙ୍କୁ ଭଡାଟିଆରୁ ଘର ମାଲିକ ହେବାର ସ୍ୱପ୍ନ ଦେଖାନ୍ତି, ବ୍ୟାଙ୍କ ଏସବୁ ସ୍ୱପ୍ନକୁ ସାକାର କରିବା ପାଇଁ ସହଜରେ ପ୍ରାପ୍ତ ହେଉଥିବା ଋଣ ଯୋଗାଇଦିଅନ୍ତି। ମଧ୍ୟବିତ୍ତଙ୍କ ଜୀବନ କେବଳ କିସ୍ତି ଶୁଝିବାରେ ଚାଲିଯାଏ । ଗୃହ ଋଣ କିସ୍ତି, ପିଲାଙ୍କ ପାଠ ପଢା ଋଣ କିସ୍ତି, ବିଭାଘର ପାଇଁ ଋଣ କିସ୍ତି, ମେଡ଼ିକାଲ ଖର୍ଚ୍ଚ ପାଇଁ ଋଣର କିସ୍ତି ଏମିତି ଲମ୍ବି ଲମ୍ବି ଚାଲିଥାଏ । ଗୋଟିଏ ସ୍ୱପ୍ନ ସାକାର ହେଲାବେଳକୁ ଆଉ ଗୋଟିଏ ସ୍ୱପ୍ନ ନେଇ ଆଉ ଗୋଟେ କମ୍ପାନୀ ଘରେ ପହଞ୍ଚି ଯାଏ । ସେସବୁ ପାଇଁ ପୁଣି ଘରେ ବସି ଋଣ ପାଇଲା ଭଳି ଭଳିକି ଭଳି ସ୍କିମ । ଶେଷରେ ଅବସ୍ଥା ଏମିତି ହୁଏ ଗୋଟିଏ ଋଣ ଶୁଝିବା ପାଇଁ ଆଉ ଗୋଟେ ଋଣ ନେବାକୁ ହୁଏ । କଥାରେ କହନ୍ତି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡ଼େ ନାହିଁ ଟାଣେ ପଇସା ।



ସେମିତି ପ୍ରଥମରୁ ସହଜ ମନେ ହେଉଥିବା କିସ୍ତି ଶୁଝିବାରେ ମଧ୍ୟବିତ୍ତର ଜୀବନ ବ୍ୟାପିର କଷ୍ଟ ଅର୍ଜିତ ରୋଜଗାରର ସିଂହ ଭାଗ ଚାଲିଯାଏ ।

ବୌଦ୍ଧ ଧର୍ମ କହୁଛି ମଧ୍ୟମ ମାର୍ଗ ହେଲା ଉତ୍ତମ ମାର୍ଗ । ଭିନ୍ନ ପ୍ରସଙ୍ଗରେ କୁହାଯାଇଥିବା ଏହି ଧାର୍ମିକ ଉକ୍ତିଟିକୁ ଆକ୍ଷରିକ ଅର୍ଥରେ ଦେଖିଲେ ଅନେକାଂଶରେ ଯୁକ୍ତିଯୁକ୍ତ ମନେହୁଏ । ବର୍ଷାହେଲେ ତିନିମହଲାର ଉପର ମହଲା ଘର ଛାତରୁ ପାଣି ଝରିବା ବେଳେ ତଳ ମହଲା ଘରେ ବାହାର ରାସ୍ତା ପାଣି ପଶେ, ମଝି ବାଲା ଖୁସିରେ ଥାଏ । ଏ ଘରେ ମାଉସୀ ସେ ଘରେ ପିଉସୀ ହେଉଥିବା ମଝିମଝିଆ ଲୋକକୁ ସମସ୍ତେ ଆଦର କରନ୍ତି କାରଣ ସେ ସମସ୍ତଙ୍କ ମନନେଇ କଥା କହିପାରେ । ବୋହୂ ଖରାପ ହେଲେ ଶାଶୂ ଘର କାନ୍ଦନ୍ତି, ଜ୍ୱାଇଁ ଖରାପ ହେଲେ ବାପ ଘର କାନ୍ଦନ୍ତି ହେଲେ ବାହାଘର ମଧ୍ୟସ୍ତି କମିଶନ ନେଇ ତା ଘରେ ଖୁସିରେ ଥାଏ । ମଝି ପାଚେରିରେ ବସିଥିବା ଲୋକର ଚିନ୍ତା ନଥାଏ କାରଣ ସୁବିଧା ଅନୁଯାୟୀ ସେ ଯେକୌଣସି ପଟକୁ ଡେଇଁ ପାରିବ । ମଧ୍ୟମ ମାର୍ଗ ଅନେକାଂଶରେ ଉତ୍ତମ ହେଲେ ମଧ୍ୟ ବାସ୍ତବରେ ମଧ୍ୟବିତ୍ତଙ୍କ ପାଇଁ ସବୁବେଳେ ଉତ୍ତମ ହୁଏନାହିଁ ।

ମଧ୍ୟବିତ୍ତଙ୍କ ମାନସିକତା ମଧ୍ୟ ଭିନ୍ନ ପ୍ରକାରର । ଦଶ ଟଙ୍କାର ଆଳୁକୁ ନଅ ଟଙ୍କାରେ କିଣିଲା ପରେ ଭାବନ୍ତି ହୁଏତ ଆଉ ଦୁଇଟା ଦୋକାନରେ ବୁଝିଥିଲେ ଆଳୁ ଛଅ ଟଙ୍କାରେ ମିଳିଥାନ୍ତା । ରକ୍ତ ପରୀକ୍ଷାରେ ଯଦି ସବୁ ରିପୋର୍ଟ ଠିକ ରହିଲା ତେବେ ଭାବନ୍ତି ବେକାରରେ ଟଙ୍କା ବର୍ବାଦ ହେଲା। ପିଲା ପରୀକ୍ଷାରେ ପାସ କଲା ପରେ ଭାବନ୍ତି ଆଉ ଟିକେ ଭଲ ନକଲେ ତା ଭବିଷ୍ୟତ ଅନ୍ଧାର ହେଇଯିବ । ଏମାନଙ୍କ ଅସମ୍ପୂର୍ଣ୍ଣ ସ୍ୱପ୍ନ ମଧ୍ୟ ଗୋଟିଏ ପିଢିରୁ ଆର ପିଢ଼ିକୁ ଉତ୍ତରାଧିକାରୀ ସୂତ୍ରରେ ବ୍ୟାପ୍ତ ହୁଏ । ବାପା ଯାହା ହେବା ପାଇଁ କେବେ ସ୍ୱପ୍ନ ଦେଖିଥିଲେ ତାକୁ ତାଙ୍କ ପିଲାମାନେ ପୂରଣ କରନ୍ତୁ ବୋଲି ଚେଷ୍ଟା କରନ୍ତି । ଯାହା ଅଜା କି ବାପା ହେଇପାରିଲେ ନାହିଁ ତାକୁ ନାତି ପୂରଣ କରିବା ପାଇଁ ଚାହାନ୍ତି । ଏହି ଅହେତୁକ ଉପେକ୍ଷା ପିଲାମାନଙ୍କ ଶୈଶବକୁ ନଷ୍ଟ କରିଦିଏ।

ମଧ୍ୟବିତ୍ତଙ୍କ ଭିତରୁ ନବେ ଭାଗ ହେଲେ ଚାକିରିଜୀବି। ଏମାନେ ଜୀବନ ଦର୍ଶନ, ପରମ୍ପରା, ସଂସ୍କୃତି ତଥା ଦୈନନ୍ଦିନ ଚାଲିଚଳଣ ପାଇଁ ନିଜସ୍ୱ ସୂଚାଙ୍କ ତିଆରି କରିଥାନ୍ତି । ତାଙ୍କ ନିର୍ଦ୍ଧାରିତ ସୂଚାଙ୍କ ସହ ମେଳ ନଖାଇଲେ ତାହା ଅପସଂସ୍କୃତି କିମ୍ବା ନୂଆନୂଆ ଧନୀ ମାନସିକତା ବୋଲି ଆଖ୍ୟା ଦିଅନ୍ତି । ସଂସ୍କୃତି ଅପସଂସ୍କୃତିର ସ୍କେଲ ଏହିମାନଙ୍କ ପାଖରେ ଥାଏ । ଦଶ ଟଙ୍କାର ଜିନିଷକୁ ଅଧଘଣ୍ଟା ମୂଲେଇ ଫେରିବାଲା ଠାରୁ ନଅ ଟଙ୍କା ପଚାଶ ପଇସାରେ କିଣୁଥିବା ବ୍ୟକ୍ତିକୁ କେବେ ପଚାରିଲେ ଦାର୍ଶନିକଙ୍କ ଭଳି ଉତ୍ତର ଦିଅନ୍ତି ଟଙ୍କା ପଇସାର କିଛି ମୂଲ୍ୟ ନାହିଁ । ମଣିଷର ମାନସିକ ଶାନ୍ତି ସବୁଠୁ ମୂଲ୍ୟବାନ ।

ଦେଶର ଅଧିକ ସଂଖ୍ୟକ ଟିକସଦାତା ହେଲେ ଏଇ ବିତ୍ତବିହୀନ ମଧ୍ୟବିତ୍ତ। କିନ୍ତୁ ଏମାନଙ୍କ ପାଇଁ ସରକାରଙ୍କର କିଛି ଖାସ୍ ଯୋଜନା ନ ଥାଏ। ଧନୀଲୋକଙ୍କୁ ଦରଦାମ ବୃଦ୍ଧି ବାଧେନି ଗରିବଲୋକଙ୍କର ତ ନା ହୋଲ ଥାଏ ନା ଡୋଲ ଥାଏ। ବାୟା ବସା ଝୁଲୁଥାଏ ପରି ଅବସ୍ଥା । ଏମାନଙ୍କ ପିଲା ଜନ୍ମଠାରୁ ଶବଦାହ ପର୍ଯ୍ୟନ୍ତ ସବୁ ପାଇଁ ସରକାରୀ ମାଗଣା ଯୋଜନା ଅଛି । ମଧ୍ୟବିତ୍ତ ନା ଏ କୁଳର ହେଲେ ନା ସେ କୁଳର ହେଲେ, ମଝିମଝିଆ ବୁଡ଼ି ମରିବା ଭଳି ଅବସ୍ଥା ।

ଏକଦା ଏମାନଙ୍କ ପରିପୂର୍ଣ୍ଣ ସ୍ୱପ୍ନ ବୋଇଲେ ନିଜଘର, ପିଲାଙ୍କ ଭଲ ଚାକିରୀ, କାର ଭଳି କିଛି ସୁଖକୁ ନେଇ ଥିଲାବେଳେ ସାମ୍ପ୍ରତିକ ପରିସ୍ଥିତିରେ କେମିତି ଦଣ୍ଡେ ଖାଇ ଶିକ୍ଷିତ ପିଲାଙ୍କୁ ରୋଜଗାରକ୍ଷମ କରିବା। ବାକି ସୁଖ ସବୁ ଦିବା ସ୍ୱପ୍ନ ଭଳି ପ୍ରତ୍ୟୟ ହେଲାଣି । ଦେଶର କ୍ଷୀପ୍ର ପ୍ରଗତି ଯଦି ଏହିଭଳି ଲାଗିରହେ ତେବେ ସେଦିନ ଦୂର ନାହିଁ ଯେବେ ଏହି ମଧ୍ୟବିତ୍ତ ବର୍ଗଟି ନିଶ୍ଚିହ୍ନ ହେଇଯାଇଥିବ। ସମାଜରେ କେବଳ ଗରିବ ନଚେତ ଧନୀ ବୋଲି ଦୁଇଟି ବର୍ଗ ରହିବେ। ଭାଇ କଥାରେ କହନ୍ତି, ଦୃଢେ ତରନ୍ତି , ମୂଢ଼େ ତରନ୍ତି ମଝିମଝିକିଆ ବୁଡ଼ି ମରନ୍ତି ।

-ଖାନନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଓଡିଆ ସାହିତ୍ୟର ମଧଭେଦ

ଡକ୍ଟର ନୃସିଂହ ଷଡ଼ଙ୍ଗୀ, ପ୍ରକାଶକ-ଏଥେନା ବୁକ୍ସ
ଭୁବନେଶ୍ୱର-୨, ମୂଲ୍ୟ-୪୦୦ଟଙ୍କା

'ଓଡିଆ ସାହିତ୍ୟର ମଧଭେଦ' ଡକ୍ଟର ନୃସିଂହ ଷଡ଼ଙ୍ଗୀଙ୍କ ଗବେଷଣାଧର୍ମୀ ପୁସ୍ତକ। ଏଥିରେ ପ୍ରଥମ ପର୍ବ ଓ ଦ୍ୱିତୀୟ ପର୍ବ ବିଷୟ ରହିଛି। ପ୍ରଥମ ପର୍ବରେ ପଞ୍ଚସଖା ଯୁଗୀୟ ପୃଷ୍ଠଭୂମି: ସାହିତ୍ୟିକ ପାଣିପାଗ ଓ ଦ୍ୱିତୀୟ ପର୍ବରେ କାବ୍ୟଯୁଗ, ରୀତିଯୁଗ, ଭଞ୍ଜଯୁଗ ଓ ମଧ୍ୟଯୁଗ ଆଦି ବିଷୟ ରହିଛି। ଏହା ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଆଲୋଚନାର ଏକ ସୁନ୍ଦର ନିବନ୍ଧ। ପୁସ୍ତକ ରଚନା ବେଳେ ଏହାର ବ୍ୟାଖ୍ୟା ଓ ଆଲୋଚନା କଲାବେଳେ ଲେଖକ ଯେତିକି ବିସ୍ମିତ ଓ ସେତିକି ପ୍ରଲୁବ୍ଧ ମଧ୍ୟ ହୋଇଛନ୍ତି । ଏଥିଯୋଗୁ ସେ ସୃଷ୍ଟି କରି ପାରିଛନ୍ତି ଓଡିଆ ସାହିତ୍ୟର ମଧଭେଦ ସମୀକ୍ଷା ଗ୍ରନ୍ଥ। ଏହା ଗବେଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିବ ଏହା ନିଃସନ୍ଦେହ ।




### ପାଦ ପ୍ରଦୀପ

ଦୀନବନ୍ଧୁ ନାୟକ, ଆରୋହୀ, କଲ୍ୟାଣୀ ନଗର
କଟକ-୧୩, ମୂଲ୍ୟ-୨୫୦ଟଙ୍କା

'ପାଦ ପ୍ରଦୀପ' ଦୀନବନ୍ଧୁ ନାୟକଙ୍କ ସଂକ୍ଷିପ୍ତ ଆତ୍ମଜୀବନୀ କହିଲେ ଭୁଲ ହେବ ନାହିଁ। ଏଥିରେ ଫଟୋ ଫର୍ଦ୍ଦ ସହ ୧୫ଟି ବିଷୟରେ ଆଲୋଚନା କରାଯାଇଛି। ଏଥିରେ ଅନେକ କଥା ଦୀନବନ୍ଧୁ ବର୍ଣ୍ଣନା କରିଛନ୍ତି। ସେ ନାଟ୍ୟାଭିନେତା ନୁହନ୍ତି, ଜଣେ ସୁନାମ ଧନ୍ୟ ନାଟ୍ୟକାର ମଧ୍ୟ। ପୁସ୍ତକର ପ୍ରଥମ ବିଷୟରେ ସେ କଳାକୁ ବିଭୁଦତ୍ତ ବା ଇଶ୍ୱର ଦତ୍ତ ବୋଲି କହିଛନ୍ତି । ସାତ ପୁରୁଷଙ୍କ କଳା ମଣିଷ ଭିତରେ ନିଶ୍ଚୟ ଥାଏ ବୋଲି ଲେଖକଙ୍କ ଅନୁଭୁତି ରହିଛି। ସେହିପରି ସେ ତାଙ୍କ ବୋଉଙ୍କ କଥା ଉଲ୍ଲେଖ କରି ଲେଖିଛନ୍ତି, ଝିଅମାନେ କାନ୍ଦଣା ଶିଖିବାକୁ ବୋଉ ପାଖକୁ ଆସନ୍ତି ଓ ମାଛ ଭେଟି ଦିଅନ୍ତି । ତାଙ୍କ ବୋଉ ସୁନ୍ଦର ଭାଲୁକୁଣୀ ଗଢନ୍ତି ବୋଲି ଲେଖିଛନ୍ତି। ପୁସ୍ତକଟି ପାଠକୀୟତା ଲାଭ କରିବ ଏଥିରେ ସନ୍ଦେହ ନାହିଁ ।




### ଚିତ୍ର ଚରିତ୍ର ଚିତ୍ରଶାଳା

ଡ.ରଜନୀ ରଞ୍ଜନ, ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର, ଭୁବନେଶ୍ୱର-୧, ମୂଲ୍ୟ-୫୯୫ଟଙ୍କା

ଗତ ୩ ଦଶନ୍ଧିର ଓଡିଆ ଚଳଚିତ୍ରର ଅପୂର୍ବ ଆଲେଖ୍ୟ: ଚିତ୍ର ଚରିତ୍ର ଚିତ୍ରଶାଳା, ଯାହାକୁ ଲେଖିଛନ୍ତି ଡ.ରଜନୀ ରଞ୍ଜନ । ଏଥିରେ ଚିତ୍ର ସହ ଚରିତ୍ର ବର୍ଣ୍ଣନା ଓ ଚିତ୍ରଶାଳାକୁ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନା କରାଯାଇଛି। ଚିତ୍ର ଚରିତ୍ର ଚିତ୍ରଶାଳା ହେଉଛି ଓଡିଆ ଚଳିଚ୍ଚିତ୍ର ସହିତ ଲେଖକଙ୍କର ସମ୍ପର୍କ, ତତ୍‌ଜନିତ ଅଭିଜ୍ଞତା ଓ ଅବବୋଧର ଅପୂର୍ବ ଆଲେଖ୍ୟ। ବିଂଶ ଶତାବ୍ଦୀରେ ଲିଖିତ ଗଳ୍ପ ଉପନ୍ୟାସ ଚଳଚ୍ଚିତ୍ରରେ ଚିତ୍ରାୟିତ ହେଲା ପରେ ଲକ୍ଷ ଲକ୍ଷ ଦର୍ଶକଙ୍କ ମନୋରଞ୍ଜନ ସହିତ ସେମାନଙ୍କ ମନରେ ସାମାଜିକ ସଚେତନତା ସୃଷ୍ଟି କରିବାରେ ସମର୍ଥ ହୋଇଛି । ପୁସ୍ତକଟି ଲେଖକଙ୍କର ଦୀର୍ଘ ବର୍ଷର ସିଦ୍ଧି ଓ ସାଧନାର ଫଳ। ଏହା ନିଶ୍ଚୟ ଓଡିଆ ଚଳଚ୍ଚିତ୍ର ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।



# କଳା ହେଇଯାଏ ଧଳା ଅଣ୍ଡା

ସମସ୍ତେ ଜାଣନ୍ତି ଅଣ୍ଡାର ରଙ୍ଗ ଧଳା। କିଛି ଅଣ୍ଡା ବାଦାମୀ ରଙ୍ଗର ବି ଥାଏ। ହେଲେ କେବେ କଳା ରଙ୍ଗର ଅଣ୍ଡା ଦେଖିଛନ୍ତି? ଭାବୁଥିବେ ଅଣ୍ଡା ରଙ୍ଗ କ'ଣ କେବେ କଳା ହୋଇପାରେ। ହେଲେ ଜାପାନରେ କିନ୍ତୁ କଳା ଅଣ୍ଡା ଦେଖିବାକୁ ମିଳୁଛି, ଯାହାକୁ 'କୁରୋ ଟମାଗୋ' ବା 'ଜାପାନୀ ବ୍ଲାକ୍ ଏଗ୍' କୁହାଯାଏ। ଜାପାନର ମାଉଣ୍ଟ ହୋକେନ୍‌ରେ ଓବାକୁଦାନୀ ନାମକ ଏକ ଗ୍ରେଟ ବଏଲିଂ ପଏଣ୍ଟ ଅଛି। ୩୦୦୦ ବର୍ଷ ପୂର୍ବେ ଜ୍ୱାଳାମୁଖୀ ବିସ୍ଫୋରଣ ଘଟି




ଏହା ସୃଷ୍ଟି ହୋଇଥିଲା। ସେତେବେଳେ ଏତେ ବଡ ବିସ୍ଫୋରଣ ଘଟିଥିଲା ଯେ, ଆଜିବି ଏଠାରେ ଫୁଟନ୍ତା ପାଣିର ଅନେକ ଛୋଟ ଛୋଟ ପୁଷ୍କରିଣୀ ଦେଖିବାକୁ ମିଳେ। ଏଠାକାର ଅଧିବାସୀ ଏହି ଫୁଟନ୍ତା ପାଣିରେ ସାଧାରଣ ଅଣ୍ଡାକୁ ସିଝାନ୍ତି। ଯାହା ସିଝିଗଲେ କଳା ରଙ୍ଗରେ ପରିଣତ ହୋଇଯାଏ। ସେ ଅଣ୍ଡାକୁ ଲୋକେ ଖାଆନ୍ତି ମଧ୍ୟ। ବିଶ୍ୱାସ କରାଯାଏ ଏହି ପାଣିରେ ସିଝା ଯାଇଥିବା ଅଣ୍ଡାକୁ ଖାଇଲେ ବୟସ ୭-୮ ବର୍ଷ ବଢିଯାଏ। ତେବେ ସାଧାରଣ କୁକୁଡା ଅଣ୍ଡା ଏଇ ପାଣିରେ କଳା ରଙ୍ଗରେ କେମିତି ପରିଣତ ହୁଏ? ପ୍ରକୃତ କଥା ହେଉଛି ଏହି ପାଣିରେ ସଲ୍ଫର ପ୍ରଚୁର ମାତ୍ରାରେ ଥାଏ। ଯେବେ ଅଣ୍ଡା ଏହି ପାଣିରେ ଫୁଟେ ଅଣ୍ଡାର ଖୋଳପା କଳା ରଙ୍ଗରେ ପରିଣତ ହେଇଯାଏ। ଏହି ଅଣ୍ଡାରୁ ସଲ୍ଫରର ମହକ ବି ଆସେ। ସ୍ୱାଦ ବି ବଦଳିଯାଏ। ତଥାପି ବହୁତ ଲୋକ ଏହି ଅଣ୍ଡା ଖାଆନ୍ତି।





# ରାସ୍ତାର ଖାଲଖମାରେ କଣ୍ଢେଇର ଫଟୋସୁଟ୍

ରାସ୍ତାରେ ଥିବା ଖାଲଖମା ଅନେକ ସମୟରେ ବଡ଼ ବଡ଼ ବିପଦର କାରଣ ସାଜିଥାଏ। ତଥାପି ଅନେକ ସମୟରେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ଠିକ୍ ସେମିତି ବ୍ରିଟେନ୍‌ରେ ବି ଘଟିଥିଲା। ଆଉ ତାକୁ ସମାଧାନ କରିବା ତଥା ପ୍ରଶାସନର ଦୃଷ୍ଟି ରାସ୍ତାର ଖାଲଖମା ଆଡକୁ ଆଣିବା ପାଇଁ ଆଣ୍ଡି କନ୍‌ରୟ ନାମକ ଜଣେ ବ୍ୟକ୍ତି ଆପଣେଇଛନ୍ତି ଏକ ଅଭିନବ ପନ୍ଥା। ସେ ବିଭିନ୍ନ ପ୍ରକାରର କଣ୍ଢେଇକୁ ଆଣି ସେଇ ଖାଲଖମାରେ ସଜାଇ ରଖି ମଜାଦାର ଫଟୋସୁଟ କରୁଛନ୍ତି। ଆଉ ତାକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏମିତି କରି ୬୬ ବର୍ଷୀୟ ଆଣ୍ଡି ଗାଡି ଚାଳକଙ୍କୁ ସେହି ଖାଲଖମା ପ୍ରତି ସଚେତନ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ ବି କରୁଛନ୍ତି। ଏମିତିରେ ଅନେକ ରାସ୍ତାର ମରାମତି ବି ହୋଇପାରିଛି। ଆଣ୍ଡି ଏହି ଫଟୋସୁଟ୍ ପାଇଁ ଖେଳଣା ନିଜ ନାତି ନାତୁଣୀ ଓ ଅନ୍ୟ ପିଲାଙ୍କଠାରୁ ଯୋଗାଡ କରିଥାନ୍ତି। ପ୍ରତି ଖାଲଖମାରେ ସେ କଣ୍ଢେଇକୁ ବେଶ୍ ସୁନ୍ଦରଭାବେ ସଜାଇ ରଖିବା ସହ ତାକୁ ନେଇ ଏକ କାହାଣୀ ଗଢି ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ଲୋକେ ତାଙ୍କ ପୋଷ୍ଟକୁ ପଢି ବେଶ୍ ଖୁସି ହୁଅନ୍ତି।





# ଝାଳ ପରଫ୍ୟୁମ୍

ଗରମରେ ଝାଳ ବୋହିବା ସ୍ୱାଭାବିକ୍। ଏଇ ଝାଳ ପାଇଁ ଶରୀର ଦୁର୍ଗନ୍ଧ ବି ହୁଏ। ତେଣୁ ଏଇ ଦୁର୍ଗନ୍ଧକୁ ଦୂରେଇବା ଲାଗି ଅନେକେ ଡ଼ିଓଡ୍ରାଣ୍ଟ ଓ ପରଫ୍ୟୁମ୍ ବ୍ୟବହାର କରନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ବ୍ରାଜିଲର ଜଣେ ମଡେଲ ସ୍ୱେଟ୍ ପରଫ୍ୟୁମ୍ ବା ଝାଳ ପରଫ୍ୟୁମ ବ୍ରାଣ୍ଡ ଆରମ୍ଭ କରିଛନ୍ତି। ଏହି ପରଫ୍ୟୁମ୍‌କୁ ସେ ନିଜ ଝାଳ ମିଶାଇ ପ୍ରସ୍ତୁତ କରିଛନ୍ତି। ସାଓ ପାଉଲୋରେ ରହୁଥିବା ଏହି ମଡେଲଙ୍କ ନାମ ହେଉଛି ୱାନେସା ମୋରା। ତେବେ ନିଜ ଝାଳକୁ ନେଇ ପରଫ୍ୟୁମ୍ କରିବା ପଛର କାରଣ ସମ୍ପର୍କରେ ୱନେସା କୁହନ୍ତି, ମୋ ବୟଫ୍ରେଣ୍ଡ ଓ ଏକ୍ସ ବୟଫ୍ରେଣ୍ଡ ମତେ ସବୁବେଳେ କୁହନ୍ତି ମୋ ଶରୀରର ପ୍ରାକୃତିକ ମହକ ବେଶ୍ ଆକର୍ଷକ। ଏହା ଅନ୍ୟକୁ ଆକର୍ଷିତ କରିବା ପାଇଁ ଯଥେଷ୍ଟ। ଏଇ କଥା ମୋ ମନକୁ ବେଶ୍ ଛୁଇଁଥିଲା। ଆଉ ଏହାକୁ ଗମ୍ଭୀରତାର ସହ ନେଇ ମୁଁ ନିଜ ଝାଳକୁ ବ୍ୟବହାର କରି ଏହି ପରଫ୍ୟୁମ ପ୍ରସ୍ତୁତ କଲି। ଏହାର ନାଁ ରଖିଛି ଫ୍ରେଶ୍ ଗଡେସ୍। ଏହାର ପ୍ରତି ବୋତଲରେ ୮ ମିଲିର ଝାଳ ମିଶାଯାଇଛି। ଅନେକ ଅନ୍‌ଲାଇନ୍ ଗ୍ରାହକ ତାଙ୍କୁ କହିଛନ୍ତି ଯେ, ଏହି ପରଫ୍ୟୁମ୍ ବ୍ୟବହାର କରି ସେମାନେ ନିଜ ପାର୍ଟନରଙ୍କୁ ଆକର୍ଷିତ କରିପାରିଛନ୍ତି। ସେଥିପାଇଁ ଏହି ପରଫ୍ୟୁମ୍‌ର ଏବେ ବହୁତ ଚାହିଦା। ହେଲେ ଉକ୍ତ ପରଫ୍ୟୁମ୍‌କୁ କିଣିବା ପାଇଁ ଆପଣଙ୍କ ପକେଟ୍ ଖାଲି କରିବାକୁ ପଡିବ। କାରଣ ଏହାର ମୂଲ୍ୟ ହେଉଛି ୫୦ ମି.ଲି.କୁ ୧୧,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ।